

ବୁଧବାର ଭଦ୍ରକ ଜିଲ୍ଲାର ବିକାଶ କାର୍ଯ୍ୟ ସମୀକ୍ଷା ଅବସରରେ '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ

**'୫-ଟି' ଅଧ୍ୟକ୍ଷଙ୍କୁ ଭେଟିଲେ ବିଜେଡି ମିଡିଆ ଟିମ୍ ସଦସ୍ୟ**

# ବିରୋଧୀଙ୍କ ଅପପ୍ରଚାରର କଡ଼ା ଜବାବ ଦିଅ: ପାଣ୍ଡିଆନ

**ଭୁବନେଶ୍ୱର,୨୭ ।୧୨(ସମିସ):** '୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ସାକ୍ଷାତ କରି ନୂଆବର୍ଷ ନିମନ୍ତେ ଆଗୁଆ ଅଭିନନ୍ଦନ ଜ୍ଞାପନ କରିଛି ବିଜେଡି ମିଡିଆ ଟିମ୍। ରାଜ୍ୟସଭା ସାଂସଦ ତଥା ମିଡିଆ ଟିମ୍‌ର ମୁଖ୍ୟ ମାନସ ରଞ୍ଜନ ମଙ୍ଗରାଜଙ୍କ ନେତୃତ୍ୱରେ ଦଳର ମୁଖପାତ୍ର ଓ ପାନେଲିଷ୍ଟ ଶ୍ରୀ ପାଣ୍ଡିଆନଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ସହ ପରାମର୍ଶ ଲୋଡ଼ିଛନ୍ତି। ଏହି ଅବସରରେ ଶ୍ରୀ ପାଣ୍ଡିଆନ ରାଜ୍ୟ ସରକାରଙ୍କ ସଫଳ କାର୍ଯ୍ୟକ୍ରମଗୁଡ଼ିକ ଯେପରି ରାଜ୍ୟର ପ୍ରତ୍ୟେକ ବର୍ଗର ଲୋକଙ୍କ ପାଖରେ ପହଞ୍ଚିବ ସେଥିପାଇଁ କାର୍ଯ୍ୟ କରିବାକୁ ମିଡିଆ ଟିମ୍‌କୁ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି ଯେ ଆଗକୁ ସାଧାରଣ ଓ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ତେଣୁ ବିରୋଧୀମାନେ ବିଭିନ୍ନ ପ୍ରସଙ୍ଗରେ ମିଛ ଏଜେଣ୍ଡା ଓ ଅପପ୍ରଚାରକୁ ଆୟୁଧ କରି ରାଜ୍ୟବାସୀଙ୍କୁ ବିଭ୍ରାନ୍ତ କରିବାକୁ ଉଦ୍ୟମ କରିବେ। ଏହା ଉପରେ ସତର୍କ ଦୃଷ୍ଟି ରଖିବା ଓ ଅପପ୍ରଚାରର କଡ଼ା ଜବାବ ଦେବା ପାଇଁ



ଶ୍ରୀ ପାଣ୍ଡିଆନ ପରାମର୍ଶ ଦେଇଥିବା ସୂଚନା ମିଳିଛି। ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହେଉଛନ୍ତି ଆମର ଆଦର୍ଶ। ସେ ଓଡ଼ିଶାକୁ ଏକ ସମୃଦ୍ଧ ରାଜ୍ୟରେ ପରିଣତ କରିବାକୁ ଅକ୍ଳାନ୍ତ ଓ ଅବିଶ୍ରାନ୍ତ ପରିଶ୍ରମ କରୁଛନ୍ତି। ବିଜୁବାବୁଙ୍କ ସ୍ୱପ୍ନର ବିକଶିତ ଓଡ଼ିଶା ଗଠନ ତାଙ୍କର ଏକମାତ୍ର ଲକ୍ଷ୍ୟ। ମୁଖ୍ୟମନ୍ତ୍ରୀଙ୍କ ଲକ୍ଷ୍ୟକୁ ସାକାର କରିବା ପାଇଁ ଆମମାନଙ୍କୁ କଠୋର ପରିଶ୍ରମ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି। ଏହି ଅବସରରେ ସାଂସଦ ଡ. ସସ୍ମିତ ପାତ୍ର, ସୁଲତା ଦେଓ, ଡ. ଲେନିନ ମହାନ୍ତି, ଅମିତ୍ ମଲ୍ଲିକ, ସଞ୍ଜୟ ବାବୁ ଓ ଗୌତମବୁଦ୍ଧ ଦାସଙ୍କ ସମେତ ଗଣମାଧ୍ୟମ ସଂଯୋଜକ ପ୍ରିୟବ୍ରତ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

**■ ନୂଆ ବର୍ଷରେ ନୂଆ ଅତିଥି**

# ନନ୍ଦନକାନନକୁ ଆସିବ ଚିତା

**ଭୁବନେଶ୍ୱର,୨୭ ।୧୨(ସମିସ):** ନନ୍ଦନକାନନର ନବକଳେବର ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ନୂଆ ରୂପ ସାଙ୍ଗକୁ ନୂଆ ପଶୁପକ୍ଷୀଙ୍କ ସଂଖ୍ୟା ବୃଦ୍ଧି କରିବା ଉପରେ ଜୋରଦାର କାର୍ଯ୍ୟ ଜାରି ରହିଛି। ଏହି କ୍ରମରେ ନନ୍ଦନକାନନକୁ ଚିତା ବାଘ ଆଣିବା ପାଇଁ ରାଜ୍ୟ ବନ ବିଭାଗ ପ୍ରକ୍ରିୟା ଆରମ୍ଭ କରିଛି। ଖାଲି ଚିତା ନୁହେଁ, ନନ୍ଦନକାନନ ଚିଡ଼ିଆଖାନାକୁ ଧଳା ସିଂହ ଶାବକ ଓ ନୂଆ ପକ୍ଷୀ ମଧ୍ୟ ଆଣିବାର ଯୋଜନା ରହିଛି। ଦୁବାଇ ଚଡ଼ିଆଖାନା ସହ ଅଦଳବଦଳ ପ୍ରକ୍ରିୟାରେ ଚିତା ଆସିବ ବୋଲି ରାଜ୍ୟ ବନ୍ୟପ୍ରାଣୀ ପିସିସିଏଫ୍ ସୁଶାନ୍ତ ନନ୍ଦ କହିଛନ୍ତି। ସେହିପରି ଆଲିପୁର ଚିଡ଼ିଆଖାନା ସହ ଅଦଳବଦଳ ପ୍ରକ୍ରିୟାରେ ଆଉ ଏକ ଜିରାଫ ମଧ୍ୟ ଆସିବ ବୋଲି ସେ ସୂଚନା ଦେଇଛନ୍ତି।

ନନ୍ଦନକାନନକୁ ବିଶ୍ୱସ୍ତରୀୟ କରିବା ପାଇଁ ସମ୍ପ୍ରସାରଣ ସହ ବହୁ ବିକାଶମୂଳକ କାର୍ଯ୍ୟ ଜାରି ରହିଛି। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ମାଷ୍ଟର ପ୍ଲାନ୍‌କୁ ସେଣ୍ଟ୍ରାଲ ଜୁ' ଅଥରିଟି ଅନୁମୋଦନ ଦେଇସାରିଥିବାରୁ ଖୁବ୍‌ଶୀଘ୍ର ଏହାର ରୂପାନ୍ତରଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଜଣାପଡ଼ିଛି। ଏହି ରୂପାନ୍ତରଣ ଅଧୀନରେ ଜନ୍ତୁ ଖୁଆଡ଼ଗୁଡ଼ିକୁ ଅତ୍ୟାଧୁନିକ କରାଯିବା ସହ ସଫାରିକୁ ଚୁଡ଼ଙ୍ଗଗଡ଼ ପାର୍ଶ୍ୱରେ ବଡ଼ ଆକାରରେ ତିଆରି କରାଯିବ। ୩ବର୍ଷ ମଧ୍ୟରେ ଏହାର ସମ୍ପ୍ରସାରଣ ସାରିବାକୁ ଯୋଜନା ରହିଛି। ତେଣୁ ଖୁବ୍ କମ ଦିନରେ ସମସ୍ତେ ବ୍ୟବସ୍ଥିତ ନନ୍ଦନକାନନ ଦେଖିବାକୁ ପାଇବେ ବୋଲି ବନ ବିଭାଗ କହିଛି। ଭିଡ଼ ନିୟନ୍ତ୍ରଣ ପାଇଁ ବ୍ୟବସ୍ଥା କରାଯିବା ସହ ଲୋକମାନେ

**ଧଳା ସିଂହ ଶାବକ ସହ ଆସିବ ଆଉ ଏକ ଜିରାଫ**

କିପରି ଟିକଟ୍ ପାଇଁ ଆଉ ହଇରାଣ ନ ହେବେ, ତାହା ଉପରେ ମଧ୍ୟ ପଦକ୍ଷେପ ନିଆଯାଉଛି।

ଗତ ଜୁନ୍‌ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନନ୍ଦନକାନନର ପରିବର୍ତ୍ତିତ ରୂପରେଖ ଯୋଜନାକୁ ଅନୁମୋଦନ କରିଥିଲେ। ୨୦୨୭ ସୁଦ୍ଧା ସମ୍ପୂର୍ଣ୍ଣ କାମ କରିବାକୁ ଯୋଜନା ରଖିଛି ଜଙ୍ଗଲ ବିଭାଗ। '୫-ଟି' ନୀତି ଅଧୀନରେ ନନ୍ଦନକାନନର ରୂପାନ୍ତର ପ୍ରକ୍ରିୟାରେ ଏହି କାର୍ଯ୍ୟ କରାଯିବ।

# ରାଜ୍ୟରେ ଆଉ ୨ କରୋନା ଆକ୍ରାନ୍ତ ଚିହ୍ନଟ

**ଭୁବନେଶ୍ୱର, ୨୭ ।୧୨(ସମିସ):** ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ଆଉ ୨ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏଥିସହ ରାଜ୍ୟରେ ସକ୍ରିୟ ଆକ୍ରାନ୍ତ ସଂଖ୍ୟା ୫କୁ ବୃଦ୍ଧି ପାଇଛି। ସପ୍ତାହକ ମଧ୍ୟରେ ୫ ଆକ୍ରାନ୍ତ ଚିହ୍ନଟ ହେବାକୁ ନେଇ ସାମାନ୍ୟ ଭୟ ସୃଷ୍ଟି ହୋଇଛି। ଏ ସଂପର୍କରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର କହିଛନ୍ତି ଯେ ୫ଟି ମାମଲାକୁ ନେଇ ଆତଙ୍କିତ ହେବାର ଆବଶ୍ୟକତା ନାହିଁ। ଯେଉଁମାନେ ପଜିଟିଭ୍ ଚିହ୍ନଟ ହେଉଛନ୍ତି, ସେମାନଙ୍କର ଜେନମ୍ ସିକ୍ୱେନ୍ସିଂ କରାଯାଉଛି। ଯେହେତୁ ଏହି କୋଭିଡ୍‌ରେ କେହି ଗୁରୁତର ହେଉନାହାନ୍ତି, ତେଣୁ ବିଶେଷ ଆତଙ୍କିତ ନ ହେବା ପାଇଁ ସେ କହିଛନ୍ତି। ସେ କହିଛନ୍ତି ଯେ ଯାହାକୁ ଥଣ୍ଡା-କାଶ ହେଉଛି, ସେମାନେ ଟେଷ୍ଟିଂ କରାଇନେବା ଉଚିତ। ବରିଷ୍ଠ ନାଗରିକ ଓ ବହୁବିଧ ରୋଗରେ ଆକ୍ରାନ୍ତ ରୋଗୀମାନେ ସତର୍କତା ଅବଲମ୍ବନ ପୂର୍ବକ ଭିଡ଼କୁ ନଯିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଅନ୍ୟପଟେ ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଲଗାତାର ଭାବେ ବୃଦ୍ଧି ପାଇବାରେ ଲାଗିଛି। ଗତ ୨୪ଘଣ୍ଟାରେ ଦେଶରେ ୪୧୨ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୪ହଜାର ଟପିଛି। ଗତ ୨୪ ଘଣ୍ଟାରେ ଦେଶରେ ୩ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସୂଚନା ଦେଇଛି।

# ଜୟନ୍ତ ମହାନ୍ତି ବିଜୁ ଯୁବଜନତା ଦଳର ରାଜ୍ୟ ଉପସଭାପତି

**ଭୁବନେଶ୍ୱର,୨୭ ।୧୨(ସମିସ):** ଜୟନ୍ତ କୁମାର ମହାନ୍ତି ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ଭାବେ ନିଯୁକ୍ତ ହୋଇଛନ୍ତି। ବିଜେଡି ସଭାପତି ନବୀନ ପଟ୍ଟନାୟକ ଶ୍ରୀ ମହାନ୍ତିଙ୍କୁ ଏହି ନିଯୁକ୍ତି ଦେଇଛନ୍ତି। ସେହିପରି ପ୍ରଣୟ କୁମାର ଜେନାଙ୍କୁ ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତ କରାଯାଇଥିବା ବେଳେ ସୌମ୍ୟରଞ୍ଜନ ସାହୁଙ୍କୁ ବିଜୁ ଛାତ୍ର ଜନତା ଦଳର ସାଧାରଣ ସମ୍ପାଦକ ଭାବେ ନିଯୁକ୍ତ କରାଯାଇଛି। ଏହି ନିଯୁକ୍ତି ସମ୍ପର୍କରେ ବୁଧବାର ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଦସ୍ତଗତରେ ଦଳ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତି ଜାରି କରାଯାଇଛି।

# ପ୍ରସାଦ ଯୋଜନାରେ ସାମିଲ ହେବ ଚଉଷଠି ଯୋଗିନୀ ମନ୍ଦିର

**ଭୁବନେଶ୍ୱର, ୨୭ ।୧୨(ସମିସ):** ବଲାଙ୍ଗୀର ଜିଲ୍ଲା ରାଣୀପୁର-ଝରିଆଲସ୍ଥିତ ଚଉଷଠି ଯୋଗିନୀ ମନ୍ଦିର କେନ୍ଦ୍ର ସରକାରଙ୍କ ପ୍ରସାଦ ଯୋଜନାରେ ଅନ୍ତର୍ଭୁକ୍ତ ହେବ। ଏହାଦ୍ୱାରା ଉକ୍ତ ମନ୍ଦିରର ଭିତ୍ତିଭୂମି ବିକାଶକୁ ତ୍ୱରାନ୍ୱିତ କରାଯାଇପାରିବ ବୋଲି ଜଣାପଡ଼ିଛି। ଦେଶବ୍ୟାପୀ ମୋଟ ୨୬ଟି ମନ୍ଦିରକୁ ପ୍ରସାଦ ଯୋଜନାରେ ନିଆଯାଇଥିବା ବେଳେ ଏଥିରେ ଚଉଷଠି ଯୋଗିନୀ ମନ୍ଦିର ଅନ୍ତର୍ଭୁକ୍ତ ଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ଏହି ଯୋଜନା ଅଧୀନରେ ରାଜ୍ୟ ସରକାରଙ୍କୁ କେନ୍ଦ୍ର ସରକାର ମନ୍ଦିରର ବିକାଶ ପାଇଁ ଅର୍ଥ ଯୋଗାଇଦେବେ। ଏହି ଅର୍ଥରେ ମନ୍ଦିର ଚତୁପାର୍ଶ୍ୱରେ ପାର୍କିଂ ସ୍ଥଳ, ସେଲଟର୍ ବ୍ୟବସ୍ଥା, ଯାତ୍ରୀଙ୍କ ପାଇଁ ସୁବିଧା କେନ୍ଦ୍ର ସହ ଅନ୍ୟାନ୍ୟ ଭିତ୍ତିଭୂମି ନିର୍ମାଣ କରାଯିବ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଦେଶବ୍ୟାପୀ ୧୧ଟି ଚଉଷଠି ଯୋଗିନୀ ମନ୍ଦିର ଥିବା ବେଳେ ତନ୍ମଧ୍ୟରୁ ଦ୍ୱିତୀୟଟି ଓଡ଼ିଶାର ବଲାଙ୍ଗୀର ଜିଲ୍ଲାରେ ରହିଛି। ମନ୍ଦିରଟି ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ଅଧୀନରେ ରହିଛି। ମନ୍ଦିରଟି ନବମ କିମ୍ବା ଦଶମ ଶତାବ୍ଦୀରେ ନିର୍ମିତ ହୋଇଥିବା ନେଇ ଅନୁମାନ କରାଯାଉଥିବା ବେଳେ ଗତ ୨୦୧୭ ମସିହାରେ କେନ୍ଦ୍ର ସରକାର ଏହାକୁ ଐତିହ୍ୟ କିର୍ତ୍ତୀରାଜି ଭାବେ ଘୋଷଣା କରିଥିଲେ। ପ୍ରସାଦ ଯୋଜନାରେ ମନ୍ଦିର ଅନ୍ତର୍ଭୁକ୍ତ ହେବା ପରେ ମନ୍ଦିରର ସାମଗ୍ରିକ ବିକାଶ ହୋଇପାରିବ ବୋଲି ଆଶା କରାଯାଉଛି। ସୂଚନାଯୋଗ୍ୟ ଯେ ପୂର୍ବରୁ ଓଡ଼ିଶାର ପୁରୀ-ରାମଚଣ୍ଡୀ-ପ୍ରାଚୀ ନଦୀକୂଳକୁ ଏହି ପ୍ରସାଦ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିଲା। ଏହି ଅଞ୍ଚଳର ବିକାଶ ପାଇଁ କେନ୍ଦ୍ର ସରକାର ୨୦୧୪-୧୫ରେ ୫୦ କୋଟି ଟଙ୍କା ମଞ୍ଜୁର କରିଥିଲେ।

# ଏସ୍‌ସିବିରୁ ସୁଶାନ୍ତ ଡିସ୍‌ଚାର୍ଜ

**କଟକ, ୨୭।୧୨(ସମିସ):** ୫ଦିନ ଧରି ଚିକିତ୍ସିତ ହେବା ପରେ ବୁଧବାର ଏସ୍‌ସିବି ମେଡିକାଲରୁ ଡିସ୍‌ଚାର୍ଜ ହୋଇଛି ଗ୍ୟାଙ୍ଗଷ୍ଟର ସୁଶାନ୍ତ ଧଳସାମନ୍ତ। ଦିନ ପ୍ରାୟ ସାଢ଼େ ୧୧ଟାରେ ସେ ଏସ୍‌ସିବିରୁ ବାହାରିଥିଲା। କଡ଼ା ସୁରକ୍ଷା ବ୍ୟବସ୍ଥାରେ ତାକୁ ପୁନର୍ବାର ବଲାଙ୍ଗିର ଜେଲ୍‌କୁ ପଠାଇ ଦିଆଯାଇଛି। ମଙ୍ଗଳବାର ସକାଳେ ଡିସ୍‌ଚାର୍ଜ ନିମନ୍ତେ ଡାକ୍ତରମାନେ ସୁଶାନ୍ତର ଆବଶ୍ୟକ ସମସ୍ତ ପରୀକ୍ଷାନିରୀକ୍ଷା କରିଥିଲେ। ତା'ର ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିଛି। ପୁନର୍ବାର ସେ ଅସୁସ୍ଥ ଅନୁଭବ କଲେ ବଲାଙ୍ଗିର ଜେଲ୍ କର୍ତ୍ତୃପକ୍ଷଙ୍କ ଦ୍ୱାରା ଚିକିତ୍ସା ବ୍ୟବସ୍ଥା କରାଯିବ ବୋଲି ଏସ୍‌ସିବି ପକ୍ଷରୁ କୁହାଯାଇଛି। ପ୍ରକାଶଯୋଗ୍ୟ, ହୃଦ୍‌ଘାତରେ ଶିକାର ହୋଇଥିବା ଦୁର୍ଦ୍ଦାନ୍ତ ଅପରାଧୀ ସୁଶାନ୍ତ ପ୍ରଥମେ ବୁର୍ଲା ଭୀମ୍‌ସାର ହସ୍ପିଟାଲରେ ଭର୍ତ୍ତି ହୋଇଥିଲା। ଡାକ୍ତରଙ୍କ ପରାମର୍ଶକ୍ରମେ ତାକୁ କଟକ ବଡ଼ ମେଡିକାଲ ଅଣାଯାଇଥିଲା। ଏଠାରେ ସେ ହୃଦ୍‌ରୋଗ ବିଭାଗ ଆଇସିୟୁରେ ଭର୍ତ୍ତି ହୋଇଥିଲା। ବୁଧବାର ସକାଳେ ଡାକ୍ତରମାନେ ଡିସ୍‌ଚାର୍ଜ କରିବା ପରେ କଡ଼ା ସୁରକ୍ଷା ବଳୟରେ ତାକୁ ବଲାଙ୍ଗିର ଜେଲ୍ ନିଆଯାଇଥିଲା। କଟକ କମିଶନରେଟ୍ ପୁଲିସ ପକ୍ଷରୁ ଜଣେ ଇନ୍ସପେକ୍ଟରଙ୍କ ସମେତ ଆର୍ମ ଫୋର୍ସ ପଠାଯାଇଥିଲା।

**କଡ଼ା ସୁରକ୍ଷା ବ୍ୟବସ୍ଥାରେ ଫେରିଲା ବଲାଙ୍ଗିର ଜେଲ୍**

**■ ଜାତୀୟ ପରେଡ୍‌ରେ ଭାଗନେବେ ଓଡ଼ିଶା ଏନ୍‌ସିସି କ୍ୟାଡେଟ୍**

# ବିମାନରେ ଗଲେ ୨୯ କ୍ୟାଡେଟ୍



**ଭୁବନେଶ୍ୱର,୨୭ ।୧୨(ସମିସ):** ଜାତୀୟ ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ଯୋଗଦେବା ପାଇଁ ଓଡ଼ିଶାରୁ ସମର ଶିକ୍ଷାର୍ଥୀ ବାହିନୀ(ଏନ୍‌ସିସି) କ୍ୟାଡେଟ୍ ବୁଧବାର ଦିଲ୍ଲୀ ଗସ୍ତ କରିଛନ୍ତି। ପ୍ରଥମଥର କ୍ୟାଡେଟ୍‌ଙ୍କ ଗସ୍ତ ପାଇଁ ରାଜ୍ୟ ସରକାର ବିମାନ ଯାତ୍ରାର ସୁବିଧା କରିଛନ୍ତି। ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଉପସ୍ଥିତ ରହି ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଏହି ଗସ୍ତକୁ ସୁଗମ ଓ ସୁନିଶ୍ଚିତ କରିବା ପାଇଁ ବିଭାଗ ପକ୍ଷରୁ ବିମାନ ସେବା ଯୋଗାଇ ଦିଆଯାଇଥିବା ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି। ସବୁ କ୍ୟାଡେଟ୍‌ଙ୍କୁ ଟୋପି ପିନ୍ଧାଇ ଓ ପୁଷ୍ପଗୁଚ୍ଛ ଦେଇ ସେ ଉତ୍ସାହିତ କରିଥିଲେ।

ଜାତୀୟ ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ଭାଗ ନେବା ପାଇଁ ରାଜ୍ୟର ପ୍ରାୟ ୭୦ ହଜାର ଏନସିସି କ୍ୟାଡେଟ୍‌ଙ୍କ ମଧ୍ୟରେ ବିଭିନ୍ନ ପରୀକ୍ଷା ଓ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ତନ୍ମଧ୍ୟରୁ ୧୨୨ଜଣ କୃତୀ କ୍ୟାଡେଟ୍ ମନୋନୀତ ହୋଇଛନ୍ତି। ବୁଧବାର ୨୯ଜଣ ଛାତ୍ରୀ ବିମାନ ଯୋଗେ ଯାତ୍ରା କରିଛନ୍ତି। ଏହି ଅବସରରେ ସମସ୍ତ ଛାତ୍ରୀଙ୍କୁ ଉତ୍ସାହିତ କରିବା ପାଇଁ ମନ୍ତ୍ରୀ ଶ୍ରୀ ନାୟକଙ୍କ ସହ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଭବାନୀ ଶଙ୍କର ଚୟନୀ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଚଳିତ ବର୍ଷ କଟକ ଗ୍ରୁପ୍ ଏନସିସି ଗ୍ରୁପ୍ କମାଣ୍ଡର୍ ତଥା ଚୟନକାରୀ ସାମରିକ ସେନା ଅଧିକାରୀ କର୍ଣ୍ଣେଲ ସତ୍ୟବ୍ରତ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏହି କ୍ୟାଡେଟ୍‌ଙ୍କ ପ୍ରସ୍ତୁତି ଶିବିର ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ରିଜର୍ଭ ପୋଲିସ ବାହିନୀ ପରିସରରେ ଅନୁଷ୍ଠିତ ହୋଇଥିଲା। ୫୦ଦିନ ଧରି ଏହି ପ୍ରଶିକ୍ଷଣ ଶିବିରରେ ଡ୍ରିଲ, ଘୋଡ଼ାଚଢ଼ା କୌଶଳ, ଜାତୀୟ ସଂହତି ଶିକ୍ଷା, ପତାକା ସ୍ଥାନ ପ୍ରସ୍ତୁତି, ବ୍ୟକ୍ତିତ୍ୱ ବିକାଶ ଅଭିବୃଦ୍ଧି ଶିକ୍ଷା, ସାମରିକ ଶିକ୍ଷା, ଭାଷା ବିନିମୟ ଶିକ୍ଷା ପରି ବିଭିନ୍ନ ଶାରୀରିକ ଓ ବୌଦ୍ଧିକ ଶିକ୍ଷା ପ୍ରଦାନ କରାଯାଇଛି।

# ନିଶା ପାଇଁ ବଳିପଡ଼ୁଛି ଶୈଶବ

**ଭୁବନେଶ୍ୱର, ୨୭ ।୧୨(ସମିସ):** କୋଟପା ଆଇନ ଲାଗୁ କରିବାରେ ଓଡ଼ିଶା ଆଗୁଆ ରହିଛି। ତମାଖୁମୁକ୍ତ ଗ୍ରାମ ସୃଷ୍ଟି କରିବାରେ ଓଡ଼ିଶା ଜାତୀୟ ସ୍ୱୀକୃତି ପାଇଛି। ସର୍ବସାଧାରଣ ସ୍ଥାନରେ ଧୂମପାନ କରିବା ଏବଂ ନିୟମ ଭଙ୍ଗ କରିବା ଅଭିଯୋଗରେ ଗତ ଦୁଇବର୍ଷ ମଧ୍ୟରେ ୭୭୦୦ ଲୋକଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ଏହା ସତ୍ତ୍ୱେ ସ୍ଥିତି ଏବେ ବି ସଙ୍ଗୀନ ରହିଛି। ଓଡ଼ିଶାରେ କୋଟପା ଆଇନ ଠିକ୍ ଭାବେ କାର୍ଯ୍ୟକାରୀ ହେଉନଥିବା ଅଭିଯୋଗ ହେଉଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଶିକ୍ଷାନୁଷ୍ଠାନର ୧୦୦ ମିଟର ପରିସୀମା ମଧ୍ୟରେ ତମାଖୁବିକ୍ରି ଉପରେ ଅଙ୍କୁଶ ଲଗାଇବା ପାଇଁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନିକଟରେ ଅନୁଷ୍ଠିତ ନିଶାମୁକ୍ତ ଭାରତ ଅଭିଯାନ କମିଟି ବୈଠକରେ ଶ୍ରୀ ସେଠୀ ଏହି ନିର୍ଦ୍ଦେଶ ଦେଇଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ଏପରି ନିର୍ଦ୍ଦେଶ ବେଶ୍ ଗୁରୁତ୍ୱ ବହନ କରୁଛି।

ଭାରତ ସରକାରଙ୍କ ରିପୋର୍ଟ ଅନୁସାରେ, ଦେଶରେ ୮.୫% ପିଲା ତମାଖୁ ବ୍ୟବହାର କରୁଥିବା ବେଳେ ଓଡ଼ିଶାରେ ଏହି ହାର ୬.୨% ରହିଛି। ପ୍ରାୟ ୭% ନାବାଳକ ଏବଂ ୫% ନାବାଳିକା ତମାଖୁ ସେବନରେ ଅଭ୍ୟସ୍ତ। ରାଜ୍ୟରେ ନିଶା ଅଭ୍ୟାସରୁ ନିସ୍ତାର ଦେବା ଲାଗି ଭାରତ ସରକାରଙ୍କ ପକ୍ଷରୁ ନିଶାମୁକ୍ତ ଭାରତ ଅଭିଯାନ ପ୍ରଚଳନ ହୋଇଛି। ତେବେ ଓଡ଼ିଶାରେ ପିଲାମାନଙ୍କ ପାଇଁ ନିଶା ନିବାରଣ କେନ୍ଦ୍ରର ଅଭାବ ଅନ୍ତରାୟ ସାଜିଛି। ୧୮ ବର୍ଷରୁ ଉର୍ଦ୍ଧ୍ୱ ନିଶାଡ଼ିଙ୍କ ପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ୪୪ଟି ସରକାରୀ ନିଶା ନିବାରଣ କେନ୍ଦ୍ର ରହିଛି। କିନ୍ତୁ ନାବାଳକ, ନାବାଳିକାଙ୍କ ପାଇଁ ପ୍ରତିକାର ବ୍ୟବସ୍ଥାର ଅଭାବ ସମାଜ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରୁଛି।

**■ କୋଟପା ଆଇନ କଡ଼ାକଡ଼ି ଲାଗୁ ପାଇଁ ନିର୍ଦ୍ଦେଶ**
**■ ଅନ୍ତରାୟ ସାଜିଛି ନିଶା ନିବାରଣ କେନ୍ଦ୍ରର ଅଭାବ**
**■ ଛୋଟ ପିଲାଙ୍କ ହାତରେ ମଦ, ସିଗାରେଟ୍, ଗୁଟ୍‌ଖା**
**■ ନିଶା ନିବାରଣ କେନ୍ଦ୍ର ଉପରେ ନଜର ରଖିବ ସ୍ୱାସ୍ଥ୍ୟ ବିଭାଗ**

ଜାତୀୟ ପରିବାର କଲ୍ୟାଣ ସର୍ଭେ ରିପୋର୍ଟ ଅନୁସାରେ, ୨୦୧୫-୧୬ରେ ୧୫ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ବୟସର ମହିଳାଙ୍କ ମଧ୍ୟରୁ ୨୬% ମଦ, ତମାଖୁ ଆଦି ନିଶା ସେବନରେ ଅଭ୍ୟସ୍ତ ଥିବା ବେଳେ ପୁରୁଷଙ୍କ କ୍ଷେତ୍ରରେ ଏହି ହାର ୫୧.୬% ରହିଥିଲା। ୨୦୨୦-୨୧ ବେଳକୁ ସହରାଞ୍ଚଳରେ ୧୬.୬% ଏବଂ ଗ୍ରାମାଞ୍ଚଳରେ ୨୮% ମହିଳା ନିଶା ସେବନ କରୁଥିଲେ। ୧୫ ବର୍ଷରୁ ଅଧିକ ପୁରୁଷଙ୍କ ମଧ୍ୟରେ ୨୦୨୦-୨୧ରେ ଗ୍ରାମାଞ୍ଚଳରେ ୩୦.୨% ଏବଂ ସହରାଞ୍ଚଳରେ ୨୨.୭% ମଦ୍ୟପାନ ସହ ଅଭ୍ୟସ୍ତ। ଓଡ଼ିଶାରେ କୋଟିକୋଟି ଟଙ୍କାର ବ୍ରାଉନ୍‌ସୁଗର ଭଳି ଧଳା ଜହର ଜବତ କରାଯିବା କିଛି ନୂଆ କଥା ନୁହେଁ। ୧୮ ବର୍ଷରୁ କମ୍ ବୟସର ପିଲାଙ୍କ ମଧ୍ୟରେ ଏହି ବିଷାକ୍ତ ନିଶାଦ୍ରବ୍ୟ ସେବା କିଛି କମ୍ ନାହିଁ। ଗାଁରୁ ନେଇ ସହର ପର୍ଯ୍ୟନ୍ତ ସବୁଠି ନିଶା ପୁଡ଼ିଆ ସହଜରେ ମିଳି ଯାଉଛି। ସେହିପରି ପିଲାମାନଙ୍କ ମଧ୍ୟରେ ମଦ ଓ ଗଞ୍ଜେଇ ସେବନ ମଧ୍ୟ ହୁ'ହୁ' ହୋଇ ବଢ଼ିବାରେ ଲାଗିଛି। ପିଲାମାନଙ୍କ ନିଶା ସେବନ ଆଗରେ ଅଭିଭାବକ ନାଚାର ହୋଇପଡ଼ୁଥିବା ଦେଖାଯାଇଛି। ଗୋଟିଏ ପଟେ ସାମାଜିକ ଅପନିନ୍ଦା ଅନ୍ୟପଟେ ଚିକିତ୍ସା ଭିତ୍ତିଭୂମିର ଅଭାବ। ସରକାରୀ ହେଉ ଅବା ଘରୋଇ କେନ୍ଦ୍ର; ସବୁଠି ୧୮ ବର୍ଷରୁ ଅଧିକ ନିଶାଡ଼ିଙ୍କୁ ନେବାର ବ୍ୟବସ୍ଥା ରହିଛି। ଘରୋଇ କେନ୍ଦ୍ରରେ ଚଢ଼ାଦରରେ ଦେୟ ଆଦାୟ କରାଯାଉଥିବାରୁ ସେଠାକୁ ଯିବା ସମସ୍ତଙ୍କ ପକ୍ଷରେ ସମ୍ଭବ ନୁହେଁ। ଏପରିସ୍ଥଳେ ନାବାଳକ, ନାବାଳିକାଙ୍କ ପାଇଁ ସରକାରୀ ନିଶା ନିବାରଣ କେନ୍ଦ୍ର ଖୋଲାଯିବାର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ ପାଇଛି।





### ଧାନ ସଂଗ୍ରହ ବିଳମ୍ବ ପାଇଁ ବେପାରୀ ମାଳମାଲ

# କ୍ୱିଣ୍ଟାଲ ପିଛା ୬୦୦ ଟଙ୍କା କ୍ଷତି ସହୁଛନ୍ତି ଚାଷୀ

କଟକ,୨୭।୧୨(ସମିସ):

ଚଳିତ ୨୦୨୩-୨୪ଖରିଫ ଧାନ କିଣା ଜିଲ୍ଲାରେ ପୂର୍ବ ବର୍ଷ ତୁଳନାରେ ବିଳମ୍ବ ହୋଇଛି। ବୁଧବାରଠାରୁ ଏହା ଆନୁଷ୍ଠାନିକ ଭାବେ ଆଠଗଡ଼ ଓ ବାଙ୍କୀ ଉପଖଣ୍ଡରେ ଆରମ୍ଭ ହୋଇଥିବା କୁହାଯାଉଥିଲେ ମଧ୍ୟ ଏହି ଅଞ୍ଚଳରେ ସମ୍ପୂର୍ଣ୍ଣ ମଣ୍ଡି ଖୋଲିବାକୁ ଆଉ ଏକ ସପ୍ତାହ ସମୟ ଲାଗିଯିବ। ହେଲେ ଧାନ ସଂଗ୍ରହ ଯେତେ ବିଳମ୍ବ ହୋଇଚାଲୁଛି ତାହା ବେପାରୀମାନଙ୍କୁ ସୁହାଉଛି। ଗାଁଗହଳିରେ ଏବେ ଶହଶହ ସଂଖ୍ୟାରେ ବେପାରୀ ବୁଲି ଚାଷୀଙ୍କଠାରୁ କମ୍ ଦରରେ ଧାନ କିଣିନେଲେଣି। ମିଳିଥିବା ସୂଚନାନୁସାରେ, ଚାଷୀମାନଙ୍କଠାରୁ ଏବେ ବେପାରୀମାନେ କ୍ୱିଣ୍ଟାଲ ପ୍ରତି ଅତିବେଶୀରେ ୧୬୦୦ ଟଙ୍କାରେ ଧାନ କିଣୁଛନ୍ତି। ଏଣୁ ଚାଷୀମାନେ ବାଧ ହୋଇ କ୍ୱିଣ୍ଟାଲ ପ୍ରତି ୫୦୦ରୁ ୬୦୦ ଟଙ୍କା କ୍ଷତି ସହୁଥିବା ଦେଖିବାକୁ ମିଳିଛି। ସରକାରୀ ଭାବେ ଏଫ୍ଏକ୍ୟୁ ମାନର ଧାନ ଦର ସର୍ବନିମ୍ନ କ୍ୱିଣ୍ଟାଲ ପ୍ରତି ୨୧୮୩ ଟଙ୍କା ଧାର୍ଯ୍ୟ ହୋଇଛି। ସେହିପରି ଗ୍ରେଡ୍-ଏ ଧାନ ଦର ୨୨୦୩ ଟଙ୍କା ରହିଛି। ଏଥର ଅନୁକୂଳ ପାଗ ଯୋଗୁଁ ଧାନ ଅମଳ ମଧ୍ୟ ଶୀଘ୍ର ହୋଇଥିବାରୁ ବେପାରୀମାନେ କମ୍ ଦରରେ ଧାନ ସଂଗ୍ରହ



କରିବାରେ ଲାଗିଛନ୍ତି। ପରୋକ୍ଷରେ ଏହି ଧାନକୁ ମିଲରମାନେ ବେପାରୀଙ୍କ ଜରିଆରେ କିଣୁଥିବାର ଜଣାପଡ଼ିଛି।

ଗତବର୍ଷ ଡିସେମ୍ବର ୨୧ ସୁଦ୍ଧା ଧାନକିଣା ଆରମ୍ଭ ହୋଇଥିଲେ ମଧ୍ୟ ଏଥର ୬-୭ ଦିନ ବିଳମ୍ବ ହୋଇଗଲାଣି। ଯେତିକି ବିଳମ୍ବ ହେବ ସେତିକି ବେପାରୀଙ୍କ ହାତରେ ଚାଷୀମାନେ ଧାନ ଟେକିଦେବେ। ଜିଲ୍ଲାରେ ଏଥର ମୋଟ୍ ୨୦୯ଟି ପ୍ରାଥମିକ ସେବା ସମବାୟ ସମିତି ମଣ୍ଡି, ୨୧ଟି ସବ୍‌ସେଣ୍ଟର ଓ ୩ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଧାନ କ୍ରୟ କରାଯିବ। ବୁଧବାରଠାରୁ ଆଠଗଡ଼ ଓ ବାଙ୍କୀ ସବ୍‌ଡିଭିଜନରେ ଧାନକିଣା ଆରମ୍ଭ ହୋଇଥିବାବେଳେ ଜାନୁଆରୀ ପ୍ରଥମ ସପ୍ତାହରେ ସଦର ସବ୍‌ଡିଭିଜନରୁ ଧାନ ସଂଗ୍ରହ କରାଯିବ ବୋଲି ଜିଲ୍ଲା ଯୋଗାଣ ବିଭାଗର ଅଧିକାରୀ କହିଛନ୍ତି। ହେଲେ ଆଠଗଡ଼ ଓ ବାଙ୍କୀ ସବ୍‌ଡିଭିଜନରେ ଏବେ ବି ସବୁ ମଣ୍ଡି ଖୋଲିପାରିନାହିଁ। ଧାନକିଣାକୁ ଶୃଙ୍ଖଳିତ କରିବା ପାଇଁ ପ୍ରଶାସନ ପକ୍ଷରୁ ଏଥର ୧୨ ଜଣ ମିଲରଙ୍କୁ ନିୟୋଜିତ କରାଯାଇଛି। ମିଳିଥିବା ସୂଚନାନୁସାରେ, ଜିଲ୍ଲାରେ ୭୧ ହଜାର ୫୬୦ ଜଣ ଚାଷୀ ଧାନ ବିକିବା ପାଇଁ ପାକ୍ସଗୁଡ଼ିକରେ ପଞ୍ଜୀକରଣ କରିଥିଲେ। ବର୍ତ୍ତମାନ ସୁଦ୍ଧା ୬୪ ହଜାର ୮୫୫ ଜଣ ଚାଷୀଙ୍କୁ ଯାଞ୍ଚ କରାଯାଇଛି। ଧାନକିଣା ୨୦୨୪ ମାର୍ଚ୍ଚ ୩୧ ମଧ୍ୟରେ ସରିବାକୁ ଥିବାବେଳେ ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାର ଚାଷୀଙ୍କଠାରୁ ୧୩ ଲକ୍ଷ କ୍ୱିଣ୍ଟାଲ ଧାନ କ୍ରୟ କରିବା ପାଇଁ ଟାର୍ଗେଟ ଦିଆଯାଇଛି। ଗତବର୍ଷ ଜିଲ୍ଲାରେ ପ୍ରାୟ ୧୦ହଜାର ଚାଷୀ ଧାନ ବିକ୍ରି କରିପାରି ନ ଥିଲେ। ମିଲର ସମସ୍ୟା ନେଇ ଗତଥର ଅବ୍ୟବସ୍ଥା ଉପୁଜିଥିଲା। ନିର୍ଦ୍ଧାରିତ ବାରରେ ମଣ୍ଡିକୁ ମିଲରମାନେ ଆସୁ ନ ଥିବା ନେଇ ଚାଷୀଙ୍କ ଧାନ କ୍ରୟ ସଠିକ୍ ଭାବେ ହୋଇପାରି ନ ଥିବା ଗତବର୍ଷ ଅଭିଯୋଗ ହୋଇଆସିଥିଲା। ଜିଲ୍ଲାରେ ୧ ଲକ୍ଷ ୩୪ ହଜାର ହେକ୍ଟର ଜମିରେ ଧାନଚାଷ କରାଯାଇଥିଲାବେଳେ ଏଥର ଧାନ ଉତ୍ପାଦନ ବୃଦ୍ଧି ଘଟିଛି। ଏଣୁ ଟାର୍ଗେଟଠାରୁ ଅଧିକ ଧାନ ଚାଷୀମାନେ ବିକ୍ରି କରିବେ ବୋଲି ଆକଳନ କରାଯାଉଛି। ସେହିପରି ବାହାରକୁ ଯଦି ଧାନ ଚାଲାଣ ହେଉଥାଏ, ତାହେଲେ ଏନ୍‌ଫୋର୍ସମେଣ୍ଟକୁ କଡ଼ାକଡ଼ି କରାଯିବ ବୋଲି ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଛି।

## ଐତିହ୍ୟ ପଦଯାତ୍ରୀଙ୍କ ଯାଜପୁର ପରିଦର୍ଶନ




କଟକ,୨୭।୧୨(ସମିସ): କଟକ ହେରିଟେଜ୍ ୱାକ୍ସ ନେତୃତ୍ୱରେ ଆୟୋଜିତ ଯାଜପୁରର ଡାକ ଯାତ୍ରାରେ ପ୍ରାୟ ୫୦ ଜଣ ଐତିହ୍ୟପ୍ରେମୀ ବିରଜା କ୍ଷେତ୍ର ପରିଦର୍ଶନ କରିଥିଲେ। ପ୍ରାରମ୍ଭରେ ଆବାହକ ଡ. ଦୀପକ ସାମନ୍ତରାୟ ସମସ୍ତଙ୍କୁ ସ୍ୱାଗତ ଜଣାଇ ଯାଜପୁର ସହରର ଐତିହ୍ୟ ଓ ଇତିହାସ ସମ୍ପର୍କରେ ସୂଚନା ଦେଇଥିଲେ। ସର୍ବପ୍ରଥମେ ପଦଯାତ୍ରୀମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଥିବା ସଂଗ୍ରହାଳୟ ବୁଲି ଦେଖିଥିଲେ। ସେଠାରେ ୨୧ ଫୁଟ୍ ଉଚ୍ଚତା ବିଶିଷ୍ଟ ଅବଲୋକେତଶ୍ୱର ପଦ୍ମପାଣିଙ୍କ ମୂର୍ତ୍ତି ଏହି ସାଇଟ୍ ସଂଗ୍ରହାଳୟର ଅନ୍ୟ ଏକ ବିଶେଷ ଆକର୍ଷଣ। ବୈତରଣୀ ନଦୀ କୂଳରେ ଅବସ୍ଥିତ ମୂଳ ବରାହନାଥ ମନ୍ଦିରର ଐତିହ୍ୟ ସମ୍ପର୍କରେ ବିଶଦ୍‌ଭାବରେ ବୁଝାଇ କହିଥିଲେ ପ୍ରତ୍ନତତ୍ତ୍ୱ ଗବେଷକ ରବିନ୍ଦ୍ର କୁମାର ମିଶ୍ର। ଐତିହ୍ୟ ପଦଯାତ୍ରୀମାନେ ସିଦ୍ଧେଶ୍ୱର ମନ୍ଦିର, ତ୍ରିଲୋଚନେଶ୍ୱର ମନ୍ଦିର, ଗୋପିନାଥ ମନ୍ଦିର, ବିରଜା ମନ୍ଦିର, ଅଠରନଳା ପୋଲ ବୁଲି ଦେଖିଥିଲେ। ରାଜଧାନୀ ଭୁବନେଶ୍ୱରଠାରୁ ମାତ୍ର ୧୦୦ କିଲୋମିଟର ଦୂରରେ ଅବସ୍ଥିତ ଯାଜପୁରକୁ ଏକ ସ୍ୱତନ୍ତ୍ର ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦିଆଯାଇ ଏହାର ପ୍ରଚାରପ୍ରସାର ଦିଗରେ ଉଦ୍ୟମ ହେବା ଉଚିତ୍ ବୋଲି ଐତିହ୍ୟ ପଦଯାତ୍ରୀମାନେ ମତ ପ୍ରକାଶ କରିଥିଲେ। ପଦଯାତ୍ରାର ଏହି ବିଶେଷ ସଂସ୍କରଣରେ ଭାଗ ନେଇଥିଲେ ପ୍ରତିଷ୍ଠାତା ସଦସ୍ୟ ବିକାଶ ଦାସ, କିଶୋର ବିଟ୍, ଜୟନ୍ତ ସିଂହ, ଜିତେନ୍ଦ୍ରିୟ ସିଂହ, ବିଶ୍ୱରଞ୍ଜନ ଦେହୁରୀ, ଦିଲ୍ଲୀପ ପରିଡ଼ା, ପଲ୍ଲବିକା ତ୍ରିପାଠୀ, ବିଶେଶ୍ୱର ଦାସ ଏବଂ କଟକ ହେରିଟେଜ୍ ୱାକ୍ସର ଅନେକ ସଦସ୍ୟ।

## ଏପିବି ଇଣ୍ଟରନ୍ୟାସନାଲ ସ୍କୁଲର ବାର୍ଷିକ ଉତ୍ସବ

କଟକ,୨୭।୧୨(ସମିସ): ଏପିବି ଇଣ୍ଟରନ୍ୟାସ୍‌ନାଲ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାଏ ଯୋଗଦେଇ ପିଲାମାନଙ୍କୁ ପ୍ରଗତିକାମୀ ହେବାପାଇଁ ଆହ୍ୱାନ ଦେଇଥିଲେ। ଯୁବପିଢ଼ି ତାଙ୍କ ମାନସିକତାର ପରିବର୍ତ୍ତନ କରି ରାଜ୍ୟ ତଥା ଦେଶର ବିକାଶ ପାଇଁ କିପରି ନିଜକୁ ସୁଦୃଢ଼ କରିବାର ପ୍ରୟାସ ଜାରି ରଖିବେ ସେ ସଂକ୍ରାନ୍ତରେ ମତ ରଖିଥିଲେ। ଶିକ୍ଷା କ୍ଷେତ୍ରରେ ରାଜ୍ୟରେ ଅଧିକ ବିକାଶ ହେବା ଆବଶ୍ୟକ ବୋଲି ବ୍ୟକ୍ତିଗତ ସଫଳତା ସହିତ ଛାତ୍ରଛତ୍ରୀମାନେ ମାଆ, ମାଟି ଓ ଅନୁଷ୍ଠାନ ପାଇଁ ଚିନ୍ତା କରିବା ସହ ଭଲ ମଣିଷଟିଏ ହେବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଚଳିତ ବର୍ଷ ଯୋଗବିଦ୍ୟା, ଗଣିତ, ଚିତ୍ରକଳା ଆଦି ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଭାମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଏପିବି ଇଣ୍ଟରନ୍ୟାସ୍‌ନାଲ ସ୍କୁଲର ଅଧ୍ୟକ୍ଷା ପ୍ରଜ୍ଞା ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ପୂର୍ବତନ ଓପିଏସ୍‌ସିର ସଦସ୍ୟା ତଥା ମନସ୍ତତ୍ତ୍ୱବିତ୍ ସଙ୍ଗୀତା ରଥ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କର ବୌଦ୍ଧିକ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ନିର୍ଦ୍ଦେଶକ ଭକ୍ତ ଚରଣ ରଥ ଏଥିରେ ସହଯୋଗ କରିଥିଲାବେଳେ ଉପାଧ୍ୟକ୍ଷ ଇନ୍ଦୁମତି ରଥ ଧନ୍ୟବାଦ ଦେଇଥିଲେ। ସ୍କୁଲ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କର୍ଯର୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



## ନାବାଳିକା ଦୁଷ୍କର୍ମକାରୀକୁ ୧୦ ବର୍ଷ ଜେଲ୍

### ପୀଡ଼ିତାକୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ନିର୍ଦ୍ଦେଶ

କଟକ,୨୭।୧୨(ସମିସ): ଜନୈକା ୧୩ ବର୍ଷିୟା ନାବାଳିକାକୁ ଦୁଷ୍କର୍ମ କରିବା ଅଭିଯୋଗରେ ଆସାମୀକୁ କଟକସ୍ଥିତ ଆଡ୍‌ହକ ଅତିରିକ୍ତ ଦୌରାଜଜ୍ ଫାଷ୍ଟଟ୍ରାକ୍ ସ୍ୱତନ୍ତ୍ର ପୋକ୍ସୋ ଅଦାଲତ କୋକ୍ସୋ ଆଇନରେ ଦୋଷୀ ସାବ୍ୟସ୍ତ କରିଛନ୍ତି। ଆସାମୀ ହରେକୃଷ୍ଣ ମଲ୍ଲିକକୁ ୧୦ ବର୍ଷ ସଶ୍ରମ ଜେଲ୍ ଓ ୨୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ଏକ ବର୍ଷ ଜେଲ୍‌ଦଣ୍ଡ ଆସାମୀ ଭୋଗିବେ ବୋଲି ଅଦାଲତ କହିଛନ୍ତି। ଅନ୍ୟପଟରେ ନାବାଳିକା ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

ମାମଲାରୁ ପ୍ରକାଶ ଯେ, ନିଆଳି ଥାନା ଅଞ୍ଚଳର ନାବାଳିକା ପୀଡ଼ିତା ଜଣକ କୋଣାର୍କ ଅଞ୍ଚଳରେ ମାମୁ ଘରେ ରହି ପଢୁଥିଲା। ସେଠାରେ ସମ୍ପୃକ୍ତ ଆସାମୀ ସଂସ୍ପର୍ଶରେ ଆସିଥିଲା। ବିଭିନ୍ନ ପ୍ରଲୋଭନ ଦେଖାଇ ୨୦୧୫ ମାର୍ଚ୍ଚ ୧୩ରେ ଅଭିଯୁକ୍ତ ଜଣକ ପୀଡ଼ିତାକୁ ସାଙ୍ଗରେ ତାମିଲନାଡୁ ନେଇଯାଇଥିଲା। ପୀଡ଼ିତାଙ୍କ ପରିବାର ତରଫରୁ ଏ ନେଇ ନିଆଳି ଥାନାରେ ଏତଲା ହୋଇଥିଲା। ୨୦୧୫ ମେ’ ୧୭ରେ ପୁଲିସ ପୀଡ଼ିତାକୁ ଉଦ୍ଧାର କରିବା ସହିତ ଆସାମୀକୁ ଗିରଫ କରିଥିଲା। ଆସାମୀ ବିବାହିତ ହୋଇଥିଲେ ମଧ୍ୟ ଏ ନେଇ ପୀଡ଼ିତାକୁ ଜଣାଇଥିଲେ। ସେଠାରେ ଏକ ଭଡ଼ା ଘରେ ପୀଡ଼ିତାକୁ ରଖି ଅଭିଯୁକ୍ତ ଜଣକ ବାରମ୍ବାର ଦୁଷ୍କର୍ମ କରିଥିବା ତଦନ୍ତ ସମୟରେ ସ୍ପଷ୍ଟ ହୋଇଥିଲା। ତଦନ୍ତ ପରେ ପୁଲିସ ମାମଲାରେ ଚାର୍ଜସିଟ ଦାଖଲ କରିଥିଲା। ଅଦାଲତରେ ମାମଲାର ଶୁଣାଣି ସମୟରେ ପୀଡ଼ିତା, ଏତଲାକାରୀ, ତଦନ୍ତକାରୀ ଅଧିକାରୀ ଓ ଅନ୍ୟମାନଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ସରକାରଙ୍କ ତରଫରୁ ସ୍ପେଶାଲ ପବ୍ଲିକ୍ ପ୍ରସିକ୍ୟୁଟର ବିଶ୍ୱଜିତ ରାୟ ମାମଲା ପରିଚାଳନା କରୁଥିଲେ।

## ଓଏସ୍ଏମ୍‌ସିଏଲ୍ ଏମ୍‌ଡିଙ୍କୁ ସାକ୍ଷାତ୍‌କଲେ ‘ନିରାମୟ’ ଉପଦେଷ୍ଟା

କଟକ,୨୭।୧୨(ସମିସ): ରାଜ୍ୟ ସରକାରଙ୍କ ‘ନିରାମୟ’ ଉପଦେଷ୍ଟା ରଞ୍ଜନ ବିଶ୍ୱାଳ ବୁଧବାର ଓଏସ୍ଏମ୍‌ସିଏଲ୍ ଏମ୍‌ଡି ଡା. ପୁମା ଟୁଡୁଙ୍କୁ ସାକ୍ଷାତ୍ କରିଛନ୍ତି। ୧୧ ମାସ ମଧ୍ୟରେ ସାରା ଓଡ଼ିଶାରେ ଥିବା ସରକାରୀ ହସ୍ପିଟାଲରେ ନିରାମୟ କେନ୍ଦ୍ର ପରିଦର୍ଶନ କରି ରିପୋର୍ଟ ପ୍ରଦାନ କରିଥିଲେ। ‘ନିରାମୟ’ ଯୋଜନା ଆହୁରି ଲୋକାଭିମୁଖୀ ହୋଇ ଲୋକଙ୍କୁ ଅଧିକ ସହଜରେ ସେବା ଯୋଗାଇ ଦିଆଯିବା ଉପରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଏହି ଆଲୋଚନା ଅବସରରେ ଡା. ଜ୍ଞାନ ମହାନ୍ତି ଉପସ୍ଥିତ ଥିଲେ।




## ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ‘ନୂଆ-ଓ’ ଉଦ୍‌ଯାପିତ




କଟକ,୨୭।୧୨(ସମିସ): ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ‘ନୂଆ-ଓ, ଯୁବ ଓଡ଼ିଶା ନବୀନ ଓଡ଼ିଶା’ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ ବିଦ୍ୟାଳୟର ଅଧ୍ୟକ୍ଷା ଡ. ଆରତୀ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ନୋଡାଲ ଅଧିକାରୀ ଡ. ରୀତା ରାୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଚଳଚ୍ଚିତ୍ର ନିଗମର ଅଧ୍ୟକ୍ଷ ସତ୍ୟବ୍ରତ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ରଘୁରାମ ଆର୍ ଆୟାର ଏବଂ ଓଡ଼ିଶା ସରକାରଙ୍କ ଯୁବ ବିକାଶର ସାଧାରଣ ସମ୍ପାଦିକା ଏଲିନା ଦାଶ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ ବିଜୟୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ସାମାଜିକ କାର୍ଯ୍ୟକ୍ରମ ସଂଯୋଜିକା ଡ. ସବିତା ମିଶ୍ର ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

### ଗୋପାଳ ସ୍ମୃତି ବିଦ୍ୟାପୀଠର ପ୍ଲାଟିନମ ଜୁବୁଲି ଉତ୍ସବ ପାଳିତ

# ‘ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିବାରେ ପ୍ରହରାଜଙ୍କ ଅବଦାନ ଅତୁଳନୀୟ’



କଟକ,୨୭।୧୨(ସମିସ):

କଟକ ସଦର ବ୍ଲକ୍ କନ୍ଦରପୁର ପଞ୍ଚାୟତର ସିଦ୍ଧେଶ୍ୱରପୁର ସ୍ଥିତ ସଦର ଅଞ୍ଚଳର ସର୍ବପୁରାତନ ଶିକ୍ଷାନୁଷ୍ଠାନ ଗୋପାଳ ସ୍ମୃତି ବିଦ୍ୟାପୀଠର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି ଦୁଇ ଦିନିଆ ପ୍ଲାଟିନମ୍ ଜୁବୁଲି ସମାରୋହ। ପ୍ରଥମ ଦିନ ପୂର୍ବାହ୍ଣରେ ଏହାକୁ କଟକ ଜିଲ୍ଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିବାବେଳେ ଏସ୍‌ଭିଏମ୍ ସ୍ୱୟଂଶାସିତ କଲେଜର ଅଧ୍ୟକ୍ଷ ଡ. ବିଜୟ କୁମାର ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ସେହିପରି ଅପରାହ୍ଣରେ ଅନୁଷ୍ଠିତ ସଭାରେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି ମୁଖ୍ୟଅତିଥି, ଶିଶୁ ସାହିତ୍ୟିକ ଦାଶ୍ ବେନହୁର ମୁଖ୍ୟବକ୍ତା ଓ ସଦର ବିଧାୟକ ଚନ୍ଦ୍ର ସାରଥୀ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍କୁଲର ଉନ୍ନତି ପାଇଁ ସବୁ ପ୍ରକାର ସହଯୋଗ କରିବେ ବୋଲି କହିଥିଲେ। ସେହିପରି ଦ୍ୱିତୀୟ ଦିନ ପ୍ରାରମ୍ଭରେ ପୁରାତନ ଛାତ୍ରଛାତ୍ରୀଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ହୋଇ ପ୍ରତିଷ୍ଠିତ ସାମ୍ବାଦିକ ଓ ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅପରାହ୍ଣରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ କଟକ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ ମୁଖ୍ୟଅତିଥି ଓ ବିଶିଷ୍ଟ ସାରସ୍ୱତ ସାଧକ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିବାରେ ପ୍ରହରାଜଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ।

ପୁରାତନ ଛାତ୍ର ସଂସଦର ସଭାପତି ରଘୁନାଥ ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସଂସଦର ସମ୍ପାଦକ ଉମେଶ ଚନ୍ଦ୍ର ଜେନା ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ ସରୋଜ ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ବନ୍ଦନା ତ୍ରିପାଠୀ, କାଳୀପ୍ରସାଦ ମହାପାତ୍ର, ଉମେଶ ଚନ୍ଦ୍ର ଜେନା, ଗୌତମ ଭୋଇ, କରୁଣାକର ପ୍ରଧାନ, ସଞ୍ଜୀବ ବୈଶାଖ, ତରୁଲତା ରାଉତରାୟ ପ୍ରମୁଖ ସମ୍ବର୍ଦ୍ଧିତ ହୋଇଥିଲେ। ଉତ୍ସବରେ ପୁରାତନ ଛାତ୍ର ସଂସଦର ସଭାପତି ରଘୁନାଥ ପୃଷ୍ଟି ସଭାପତିତ୍ୱ କରିଥିଲାବେଳେ ସଂସଦର ସମ୍ପାଦକ ଉମେଶ ଚନ୍ଦ୍ର ଜେନା ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ସମାରୋହକୁ ପୁରାତନ ଛାତ୍ର ସଂସଦର ସଂଗଠନ ସମ୍ପାଦକ ସାମ୍ବାଦିକ ତାପସ ରାଉତରାୟ, ଅନ୍ୟତମ ଉପସଭାପତି ତଥା ସାଂସ୍କୃତିକ କମିଟିର ଆବାହକ ଅକ୍ଷୟ କୁମାର ଭୂୟାଁ ଓ କରୁଣାକର ପ୍ରଧାନ, ଯୁଗ୍ମ ସମ୍ପାଦକ ଭରତ ଚନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ ନବଘନ ରାଉତ, ସହ କୋଷାଧ୍ୟକ୍ଷ ପ୍ରଦୀପ କୁମାର କର ସହଯୋଗ କରିଥିଲେ।

DSPL-491
ଆମ ଓଡ଼ିଶା ନବୀନ ଓଡ଼ିଶା
TRANSPARENCY TECHNOLOGY TEAMWORK TIME TRANSFORMATION

ଭ୍ରୂଣର ଲିଙ୍ଗ ନିରୂପଣ ଏକ ଦଣ୍ଡନୀୟ ଅପରାଧ

ଝିଅଟିଏ ରତ୍ନଟିଏ
ଝିଅଟିଏ ଖୁସି ଦିଏ

ସୂଚନାଦାତାଙ୍କୁ ପ୍ରୋତ୍ସାହନ

ଅଣପଞ୍ଜିକୃତ ଅଲଟ୍ରାସାଉଣ୍ଡ କେନ୍ଦ୍ର ଓ ଅଣପଞ୍ଜିକୃତ ଭ୍ରାମ୍ୟମାଣ ଅଲଟ୍ରାସାଉଣ୍ଡ ମେସିନ୍ ସମ୍ବନ୍ଧରେ ସଠିକ ସୂଚନା ଜଣାଇଲେ ସୂଚନା ପ୍ରଦାନ କରିଥିବା ବ୍ୟକ୍ତିଙ୍କୁ ଟ.୨୫୦୦୦/- ପ୍ରୋତ୍ସାହନ ରାଶି ୩ ଟି କିସ୍ତିରେ ପ୍ରଦାନ କରାଯିବାର ବ୍ୟବସ୍ଥା ଉପଲବ୍ଧ ।

ସର୍ତ୍ତାବଳୀ

- ସୂଚନା ପାଇବା ପରେ ଜିଲ୍ଲା ଅଧିକାରୀଙ୍କ ଦ୍ୱାରା ଗଠିତ ସ୍ୱତନ୍ତ୍ର ନିରୀକ୍ଷଣ କମିଟି ଦ୍ୱାରା ତଦନ୍ତ କରାଯାଇ ସତ୍ୟ ପ୍ରମାଣିତ ହେଲେ ସୂଚନାଦାତାଙ୍କୁ ପ୍ରଥମ କିସ୍ତିରେ **ଟ.୧୦,୦୦୦/-** ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ।
- ପରବର୍ତ୍ତୀ ପର୍ଯ୍ୟାୟରେ ଦୋଷୀଙ୍କ ବିରୁଦ୍ଧରେ କୋର୍ଟରେ କେସ୍ ହେଲେ ସୂଚନା ଦାତାଙ୍କୁ ଦ୍ୱିତୀୟ କିସ୍ତିରେ **ଟ.୧୦,୦୦୦/-** ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ।
- କୋର୍ଟ କେସ୍‌ର ଶୁଣାଣି ଶେଷ ହୋଇ ଦୋଷୀକୁ ଦଣ୍ଡବିଧାନ ହେଲେ ସୂଚନା ଦାତାଙ୍କୁ ଶେଷ ତଥା ତୃତୀୟ କିସ୍ତିର **ଟ.୫,୦୦୦/-** ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ।

OIPR-10003/13/0152/2324

ସୂଚନା ଦେଇଥିବା ବ୍ୟକ୍ତି ପ୍ରୋତ୍ସାହନ ରାଶି ପାଇବାକୁ ଯୋଗ୍ୟ କି ନାହିଁ ତାହା ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳ ସ୍ଥିର କରିବେ।

PC & PNDT ଆଇନ ଅନୁଯାୟୀ ସୂଚନାଦାତାଙ୍କ ନାମ ସମ୍ପୂର୍ଣ୍ଣ ଗୋପନ ରଖାଯିବ।

NATIONAL HEALTH MISSION
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
facebook.com/HFWOdisha http://www.health.odisha.gov.in/ @HFWOdisha





## ଟ୍ରେନ୍ ଧକ୍କାରେ ଯୁବକ ମୃତ

ବାରଙ୍ଗ,୨୭।୧୨(ସମିସ): ବାରଙ୍ଗ ଜୟପୁର ନିକଟ କୁଆଖାଇ ରେଲବ୍ରିଜ୍ ଉପରେ ଟ୍ରେନ୍ ଧକ୍କାରେ ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି। ମୃତ ଯୁବକଙ୍କର କୌଣସି ପରିଚୟ ମିଳିପାରିନାହିଁ। ଖବର ପାଇ ବାରଙ୍ଗ ଜିଆର୍‌ପି ଫାଣ୍ଡି ପୁଲିସ ମୃତଦେହ ଜବତ କରିଥିଲା। ପରେ ୧୦୮ ଆମ୍ବୁଲାନ୍ସ ଯୋଗେ ଶବ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନାକୁ ପଠାଇଛି। ଏ ନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି। ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ଭୋର୍ ସମୟରେ ଏକ ମାଲ୍‌ବୋଝେଇ ଗାଡ଼ି ବାରଙ୍ଗରୁ କଟକ ଅଭିମୁଖେ ଯାଉଥିବାବେଳେ ଜୟପୁର ଗ୍ରାମ ନିକଟ କୁଆଖାଇ ରେଳ ବ୍ରିଜ୍‌ର ୪୧୪/୨୮ ଖମ୍ବଠାରେ ଗାଡ଼ି ସାମ୍ନାରେ ଛିଡ଼ା ହୋଇଥିବା ଜଣେ ଯୁବକଙ୍କୁ ଦେଖି ଡ୍ରାଇଭର ହର୍ଣ୍ଣ ମାରିଥିଲେ। ବ୍ରେକ୍ ମଧ୍ୟ ଲଗାଇଛନ୍ତି। କିନ୍ତୁ ହଠାତ୍ ଟ୍ରେନ୍ ରହିବା ସମ୍ଭବ ହୋଇ ନ ଥିଲା। ଏହାରି ମଧ୍ୟରେ ଟ୍ରେନ୍ ଧକ୍କା ମାରି ଚାଲିଯାଇଥିଲା। ଫଳରେ ଯୁବକ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଡ୍ରାଇଭର ଏ ସଂକ୍ରାନ୍ତରେ ଷ୍ଟେସନ ମାଷ୍ଟରଙ୍କୁ ଜଣାଇଥିଲେ। ପରେ ବାରଙ୍ଗ ଜିଆର୍‌ପି ଫାଣ୍ଡି ଏଏସ୍‌ଆଇ ପରମାନନ୍ଦ ବେହେରା ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଥିଲା। ମୃତ ଯୁବକ ଜଣକ ନୀଳ ରଙ୍ଗର ପ୍ୟାଣ୍ଟ, ନାଲି ରଙ୍ଗର ଟି-ସାର୍ଟ ପିନ୍ଧିଥିବାବେଳେ ବାଇଗଣି ରଙ୍ଗର ସାଲଟି ତାଙ୍କ ନିକଟରେ ପଡ଼ିଥିଲା।

## କୁଖ୍ୟାତ ଚୋର ସାଜିଦ୍ ଗିରଫ

କଟକ,୨୭।୧୨(ସମିସ): ଜଣେ କୁଖ୍ୟାତ ଚୋରକୁ ଦରଘାବଜାର ଥାନା ପୁଲିସ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲା ହାତୀପୋଖରୀ ଅଞ୍ଚଳର ମହମ୍ମଦ ସାଜିଦ(୩୫)। ତା' ନିକଟରୁ ଗୋଟିଏ ଚୋରା ବାଇକ ଓ ମୋବାଇଲ୍ ଜବତ ହୋଇଛି। ପୁଲିସର ସୂଚନା ମୁତାବକ, ଜଗତସିଂହପୁରର ଅଭୟ ଜେନା ଏସ୍‌ସିବି ମେଡିକାଲରେ କାର୍ଯ୍ୟ କରନ୍ତି। ଗତ ୨୫ ତାରିଖରେ ସେ କୌଣସି ଏକ କାମରେ ସିଟି ହସ୍ପିଟାଲକୁ ଆସିଥିଲେ। ହସ୍ପିଟାଲ ପରିସରରେ ତାଙ୍କର ବାଇକ ରଖିଥିଲେ। କାମ ଶେଷ ହେବା ପରେ ସେ ବାହାରକୁ ଆସି କିଛି କିଣାକିଣି କରିଥିଲେ। ତେବେ ଫେରିବା ବେଳକୁ ତାଙ୍କ ବାଇକ ନଥିଲା। ଆଖାପାଖ ଅଞ୍ଚଳରେ ଖୋଜାଖୋଜି କରିବା ପରେ ମଧ୍ୟ ଗାଡ଼ି ମିଳିନଥିଲା। ଏଣୁ ସେ ଦରଘାବଜାର ଥାନାରେ ଏତଲା ଦେଇଥିଲେ। କିଛି ଦୋକାନର ସିସିଟିଭି ଫୁଟେଜ୍ ଯାଞ୍ଚ କରି ଅଭିଯୁକ୍ତ ସାଜିଦ ନିକଟରେ ପୁଲିସ ପହଞ୍ଚିଥିଲା। ତେବେ ଅଭିଯୁକ୍ତ ସାଜିଦ ଜଣେ କୁଖ୍ୟାତ ଚୋର ବୋଲି ଥାନା ପକ୍ଷରୁ କୁହାଯାଇଛି। କଟକର ବିଭିନ୍ନ ଅଞ୍ଚଳ ବୁଲି ସେ ଗାଡ଼ି, ସାଇକଲ, ପାଣି ମୋଟର ଆଦି ଚୋରି କରେ। ତା' ନାମରେ ଲାଲବାଗ, କ୍ୟାଣ୍ଟନ୍‌ମେଣ୍ଟ, ଦରଘାବଜାର ଓ ପୁରୀଘାଟ ଥାନାରେ ୮ରୁ ଅଧିକ ମାମଲା ରହିଛି।

## ଡାକ୍ତର ବ୍ରଜ କିଶୋର ଦାଶ ସମ୍ମାନିତ



କଟକ,୨୭।୧୨(ସମିସ): ଭାରତୀୟ ଚିକିତ୍ସକ ସଂଘର ଜାତୀୟ ସମ୍ମିଳନୀ କେରଳର କୋଭାଲମ୍‌ଠାରେ ଚାଲିଛି। ଗତ ୨୬ ତାରିଖଠାରୁ ଆରମ୍ଭ ହୋଇଥିବା ଏହି ସମ୍ମିଳନୀ ୨୮ ତାରିଖରେ ଉଦ୍‌ଯାପିତ ହେବ। ଭାରତୀୟ ଚିକିତ୍ସକ ସଂଘ ଓଡ଼ିଶା ଶାଖାର ସମ୍ପାଦକ ଡାକ୍ତର ବ୍ରଜ କିଶୋର ଦାଶ ଏହି ସମ୍ମିଳନୀରେ ସମ୍ମାନିତ ହୋଇଛନ୍ତି। ଡାକ୍ତର ଦାଶ ସର୍ବଭାରତୀୟସ୍ତରରେ ଶ୍ରେଷ୍ଠ ରାଜ୍ୟ ସମ୍ପାଦକ ଭାବେ ଏହି ସମ୍ମାନ ପାଇଛନ୍ତି। ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଡାକ୍ତର ଦାସ ସମ୍ପ୍ରତି ଡିଏମ୍‌ଇଟିର ଅତିରିକ୍ତ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି।

**ସିଏମ୍‌ସି କାଉନ୍‌ସିଲ୍ ବୈଠକ**

# ବିରୋଧୀଙ୍କ ହଟ୍ଟଗୋଳ; ଅଧାରୁ ବୈଠକ ବନ୍ଦ



କଟକ,୨୭।୧୨(ସମିସ): ଚୌଧୁରୀ ବଜାରସ୍ଥିତ କଟକ ମହାନଗର ନିଗମ (ସିଏମ୍‌ସି) ବିଜୁ ଭବନ କାର୍ଯ୍ୟାଳୟରେ ଚଳିତ ବର୍ଷର ଶେଷ କାଉନ୍‌ସିଲ୍ ବୈଠକ ଅନୁଷ୍ଠିତ ହୋଇଯାଇଛି। ମେୟର ସୁବାସ ସିଂହ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏକ ଘଣ୍ଟା ବୈଠକ ଚାଲିବା ପରେ ବିରୋଧୀ କଂଗ୍ରେସ ଏବଂ ବିଜେପି କର୍ପୋରେଟର ହଟ୍ଟଗୋଳ କରିଥିଲେ। ବାଲିଯାତ୍ରାରେ ଦୁର୍ନୀତି ଓ ଅନିୟମିତତା ଅଭିଯୋଗ ଆଣି ସେମାନେ କାଉନ୍‌ସିଲ୍ ଗୃହ ମଧ୍ୟରେ ହୋହଲ୍ଲା

### ସମସ୍ତ ପ୍ରସ୍ତାବକୁ ମିଳିଲା ଅନୁମୋଦନ

କରିଥିଲେ। ଫଳରେ ମେୟର ଶ୍ରୀ ସିଂହଙ୍କ ସମେତ କମିସନର ନିଖିଲ ପଓନ କଲ୍ୟାଣ ଓ ସମସ୍ତ ଅଧିକାରୀ ବୈଠକ ଅଧାରୁ ଉଠି ପଳାଇଥିଲେ। ତେବେ ଏହି ୧ ଘଣ୍ଟା ମଧ୍ୟରେ ବିଭିନ୍ନ ଷ୍ଟାଣ୍ଡିଂ କମିଟି ଏବଂ କର୍ପୋରେଟରମାନଙ୍କର ପ୍ରସ୍ତାବଗୁଡ଼ିକ ଅନୁମୋଦନ କରାଯାଇଥିଲା। ବିଶେଷକରି ଏନ୍‌ଫୋର୍ସମେଣ୍ଟ ବିଭାଗରେ କାର୍ଯ୍ୟ କରୁଥିବା ୧୨ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ନିରାକାର ଓ ସ୍ୱର୍ଣ୍ଣଦେବୀ ସଂସ୍ଥା ମାଧ୍ୟମରେ ନିୟୋଜନ ପ୍ରସଙ୍ଗକୁ କିଛି କର୍ପୋରେଟର ବିରୋଧ କରିଥିଲେ। ନିର୍ଦ୍ଦିଷ୍ଟ ଦୁଇଟି ସଂସ୍ଥା ନାମରେ ଅଭିଯୋଗ ଥିବାରୁ ଅନ୍ୟ ସଂସ୍ଥାରେ ରଖାଯିବାକୁ ପରାମର୍ଶ ଦିଆଯାଇଥିଲା।

ସେହିଭଳି ଲାଇସେନ୍ସ ଓ ଗୃହ ଟିକସ ବାବଦରେ ସଂଗୃହିତ ଅର୍ଥରୁ ୧୦ କୋଟି ଟଙ୍କା ଜାତୀୟକରଣ ବ୍ୟାଙ୍କରେ ସ୍ଥାୟୀ ଜମା ଆକାରରେ ରଖାଯିବା ଉପରେ ଆଲୋଚନା ହୋଇଥିଲା। ୱାର୍ଡ ସଫେଇ କାର୍ଯ୍ୟ କରୁଥିବା ସଂସ୍ଥାମାନେ ସେମାନଙ୍କ ଦେୟ ପ୍ରଦାନ କ୍ଷେତ୍ରରେ ସମ୍ପୃକ୍ତ ୱାର୍ଡ କର୍ପୋରେଟରଙ୍କ କାଉଣ୍ଟର ସାଇନ୍ ପ୍ରସ୍ତାବକୁ କର୍ପୋରେଟରମାନେ ମନା କରିଦେଇଥିଲେ। ତେବେ ହଟ୍ଟଗୋଳ ମଧ୍ୟରେ ସମସ୍ତ ପ୍ରସ୍ତାବ କାଉନ୍‌ସିଲରେ ଅନୁମୋଦନ ଲାଭ କରିଥିଲା। ବିନା ଆଲୋଚନାରେ ଅନୁମୋଦନକୁ କଂଗ୍ରେସ ଓ ବିଜେପି କର୍ପୋରେଟରମାନେ ଦୃଢ଼ ବିରୋଧ କରିଥିଲେ। ବିରୋଧୀମାନେ ପ୍ରତି ବୈଠକରେ ବିଶୃଙ୍ଖଳା ସୃଷ୍ଟି କରୁଥିବାରୁ ୱାର୍ଡ ସମସ୍ୟା ସଂକ୍ରାନ୍ତରେ ଆଲୋଚନା ହୋଇପାରୁ ନାହିଁ ବୋଲି ବିଜେଡି କର୍ପୋରେଟରମାନେ ଅଭିଯୋଗ ଆଣିଥିଲେ।

କାଉନ୍‌ସିଲ୍ ଗୃହରେ ବିରୋଧୀ କର୍ପୋରେଟରମାନେ ଟେବୁଲ ଉପରେ ଚଢ଼ି ବାଲିଯାତ୍ରା ଦୁର୍ନୀତି ହୋଇଥିବା ପ୍ରତିବାଦ କରିଥିଲେ। ଚପଲ ପିନ୍ଧି ଟେବୁଲ ଉପରେ ପ୍ରତିବାଦ କରିବା ଘଟଣାକୁ ନେଇ କେତେକ ଶାସକ କର୍ପୋରେଟର ଅସନ୍ତୋଷବ୍ୟକ୍ତ

### ଟେବୁଲ ଉପରେ ଚପଲ ପିନ୍ଧି ପ୍ରତିବାଦ; ଗୃହର ମର୍ଯ୍ୟାଦା ହାନୀ ଅଭିଯୋଗ

କରିଛନ୍ତି। ସମ୍ମିଳନୀ କକ୍ଷରେ ଚୌକି ଓ ଟେବୁଲକୁ ସମ୍ମାନ ଦିଆଯାଇଥାଏ। ଏଭଳି କରିବା ଦ୍ୱାରା ଗୃହର ମର୍ଯ୍ୟାଦା ହାନୀ ହେଉଛି ବୋଲି ସେମାନେ କହିବା ସହ ଏହାକୁ ନିନ୍ଦା କରିଥିଲେ।

### କର୍ପୋରେଟରଙ୍କ ମଧ୍ୟରେ କଥା କଟାକଟି

କାଉନ୍‌ସିଲ୍ ବୈଠକର ସୁପରିଚାଳନା ନିମନ୍ତେ ୱାର୍ଡୱାରୀ ସମସ୍ତ କର୍ପୋରେଟର ନିଜ ନିଜର ପ୍ରସ୍ତାବ ରଖିବାକୁ ମେୟର ଶ୍ରୀ ସିଂହ ନିର୍ଦ୍ଦେଶ ଦେଇଥିଲେ। ପ୍ରଥମେ ୬ନଂ ୱାର୍ଡ କର୍ପୋରେଟର ସମସ୍ୟା ସଂକ୍ରାନ୍ତରେ ଆଲୋଚନା କରିବାକୁ କହିଥିଲେ। ଏହି ସମୟରେ କଂଗ୍ରେସ କର୍ପୋରେଟର ସନ୍ତୋଷ ଭୋଳ ଓ ବିଜେପି କର୍ପୋରେଟର ଗଗନ ଓଝା ଉଠି ସେମାନଙ୍କୁ ପ୍ରଥମେ ସୁଯୋଗ ଦେବାକୁ ମେୟରଙ୍କୁ ଅନୁରୋଧ କରିଥିଲେ। ବିଜେଡି କର୍ପୋରେଟରମାନେ ଏହାକୁ ବିରୋଧ କରି ୱାର୍ଡ ଅନୁଯାୟୀ, ଆଲୋଚନା କରିବାକୁ ମେୟରଙ୍କ ନିକଟରେ ଦାବି ରଖିଥିଲେ। ଫଳରେ ଶାସକ ଓ ବିରୋଧୀ କର୍ପୋରେଟରଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପ୍ରବଳ ପାଟିତୁଣ୍ଡ ହେବାରୁ ମେୟର ଓ କମିସନର ବୈଠକ ଅଧାରୁ ଉଠି ପଳାଇଥିଲେ।

■ ସିଏମ୍‌ସି ହୋଲ୍ଡିଂ ପୁନଃ ମୂଲ୍ୟାଙ୍କନ ପ୍ରକ୍ରିୟା

## ଆର୍‌ଓଆର୍ ପ୍ରମାଣପତ୍ର ଯାଞ୍ଚ ବାଧ୍ୟତାମୂଳକ ନୁହେଁ

କଟକ,୨୭।୧୨(ସମିସ): ହୋଲ୍ଡିଂ ଟିକସ କ୍ଷେତ୍ରରେ ରାଜସ୍ୱ ବୃଦ୍ଧି କରିବାକୁ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଲକ୍ଷ୍ୟ ରଖାଯାଇଛି। ଏଥିନିମନ୍ତେ ସହରରେ ହୋଲ୍ଡିଂଗୁଡ଼ିକର ରି-ଆସେସ୍‌ମେଣ୍ଟ ବା ପୁନଃ ମୂଲ୍ୟାଙ୍କନ କରାଯାଉଛି। ଏବେ ସୁଦ୍ଧା ସହରରେ ମାତ୍ର ୬୬ ହଜାର ୪୧୨ଟି ଗୃହ ସାମିଲ ହୋଇପାରିଛନ୍ତି। ଏହି ପ୍ରକ୍ରିୟାରେ ଅଗ୍ରଗତି ହୋଇପାରୁ ନ ଥିବାରୁ ସିଏମ୍‌ସି ବିଭିନ୍ନ ନିୟମରେ କୋହଳ କରିଛି। ଏଣିକି ଯାଞ୍ଚ ସମୟରେ ଲୋକମାନଙ୍କୁ ଆଉ ରେକର୍ଡ ଅଫ୍ ରାଇଟ୍ (ଆର୍‌ଓଆର୍) ପ୍ରମାଣପତ୍ର ଦେବା ବାଧ୍ୟତାମୂଳକ ନୁହେଁ। ଟିକସ ସଂଗ୍ରହକାରୀମାନେ ପ୍ରତି ଜମି ଉପରେ ବିନା ଆର୍‌ଓଆର୍ ପ୍ରମାଣପତ୍ର ମଧ୍ୟ ଯାଞ୍ଚ ପ୍ରକ୍ରିୟା କରିପାରିବେ। ଟିକସଦାତାମାନେ ନୂଆ ଏବଂ ପୁରୁଣା ହୋଲ୍ଡିଂ ଉପରେ ଟିକସ ପୈଠ କରିବେ। ସେହିଭଳି ନୂତନ ଭାବେ ନିର୍ମିତ କୋଠାଗୁଡ଼ିକ ଯାଞ୍ଚ କରିବା ସହ ବିଦ୍ୟୁତ୍ ବିଲ୍, ଆଧାରକାର୍ଡ, ଡିଜିଟାଲ ଡୋର୍ ନମ୍ବର(ଡିଡିଏନ୍) ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## 'ଗପଘର'ର ବର୍ଷାନ୍ତ ଆସର



କଟକ,୨୭।୧୨(ସମିସ): ସାରସ୍ୱତ ଅନୁଷ୍ଠାନ 'ଗପଘର'ର ବର୍ଷାନ୍ତ ଆସର ବାଙ୍କୀ ଗୟଳବାଙ୍କ ଅନ୍ତର୍ଗତ ଦେବୀଦ୍ୱାରଠାରେ ଅନୁଷ୍ଠିତ ହୋଇଯାଇଛି। କଥାକାର ତରୁଣ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କବି ଓ ପ୍ରାବନ୍ଧିକ ନକୁଳଚନ୍ଦ୍ର ସାହୁ, ସାହିତ୍ୟିକ ଡ. ଗୋବିନ୍ଦ ଭୂୟାଁ ଯୋଗଦେଇଥିଲେ। ପରବର୍ତ୍ତୀ ଆସରରେ ଗାଳ୍ପିକ ସଦାନନ୍ଦ ତ୍ରିପାଠୀ, ରବି ପଣ୍ଡା, ଭୀମ ପୃଷ୍ଟି, ପରେଶ ପଟ୍ଟନାୟକ, ସହଦେବ ସାହୁ, ରାଜ୍ୟବର୍ଦ୍ଧନ ଧଳମହାପାତ୍ର, ସଂଯୁକ୍ତା ମହାନ୍ତି, ଡ. ଶ୍ରୀପ୍ରସାଦ ମହାନ୍ତି ଯୋଗଦେଇ ଗଳ୍ପର ପରିଣତି ଓ ଗଳ୍ପର ପ୍ରଥମ ଧାଡ଼ିର ଆରମ୍ଭ ସମ୍ପର୍କରେ ନିଜ ମତ ରଖିଥିଲେ। ଅନ୍ୟ ଆସରରେ ବ୍ୟଙ୍ଗକାର ଡ. ଅଜୟ ମିଶ୍ର, ଜ୍ଞାନ ହୋତା, ରାଧାଶ୍ୟାମ ରାଉଳ ଏବଂ ଓମ୍ ଅଭିଜ୍ଞାନ ସାହୁ ଯୋଗଦେଇଥିଲେ। ଅନ୍ତିମ ଆଲୋଚନାଚକ୍ରରେ ଯୁବ କଥାକାର ସନ୍ତୋଷ ବାରିକ, ପ୍ରଜ୍ଞାପାରମିତା ଆଚାର୍ଯ୍ୟ, କେ. ବିପ୍ଲବ ଓ ଫ୍ରାନ୍‌ସିସ୍ ଶତପଥୀ ଯୋଗଦେଇଥିଲେ। ଏହି ଅବସରରେ ଗାଳ୍ପିକା ଶର୍ମିଷ୍ଠା ମହାପାତ୍ରଙ୍କ ଗଳ୍ପ ସଂକଳନ 'ଉଜାଗର ରାତିର କାହାଣୀ' ଲୋକାର୍ପିତ ହୋଇଥିଲା ଓ ଶାରଳା ସମ୍ମାନ ପ୍ରାପକ ତଥା ବିଶିଷ୍ଟ ଔପନ୍ୟାସିକ ଭୀମ ପୃଷ୍ଟି ଏବଂ ସାହିତ୍ୟ ସଂଗଠକ ଗୌରାଙ୍ଗ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟତମ ଅତିଥି ଭାବେ ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ, ବିଶିଷ୍ଟ ଚିତ୍ରଶିଳ୍ପୀ ଶଶିକାନ୍ତ ରାଉତ ଯୋଗଦେଇଥିଲେ। ସମସ୍ତ ଆସରକୁ କବି ଓ ପ୍ରାବନ୍ଧିକ ପ୍ରସନ୍ନ କୁମାର ସ୍ୱାଇଁ ପରିଚାଳନା କରିଥିଲେ। କୋଷାଧ୍ୟକ୍ଷ ରାଜେଶ ପତି ଧନ୍ୟବାଦ ଅର୍ପଣ କରିଥିଲେ।

## 'ରାଜ୍ୟ ତଥା ରାଷ୍ଟ୍ରର ସମୃଦ୍ଧି ଓ ଅର୍ଥନୀତି କୃଷକଙ୍କ ଉପରେ ନିର୍ଭରଶୀଳ'



କଟକ,୨୭।୧୨(ସମିସ): ରାଜ୍ୟ ତଥା ରାଷ୍ଟ୍ରର ସମୃଦ୍ଧି ଓ ଅର୍ଥନୀତି କୃଷକମାନଙ୍କ ଉପରେ ନିର୍ଭରଶୀଳ। ନୂତନ ଜ୍ଞାନକୌଶଳ ପ୍ରୟୋଗରେ କୃଷିଯନ୍ତ୍ରପାତି ଉପଯୋଗରେ ସ୍ୱଳ୍ପସମୟ ମଧ୍ୟରେ ଓ ଅଳ୍ପ ଖର୍ଚ୍ଚରେ କୃଷକମାନଙ୍କ ଆୟକୁ ଦ୍ୱିଗୁଣିତ କରିବା କୃଷିମେଳାର ମୁଖ୍ୟ ଉଦ୍ଦେଶ୍ୟ। ଭାରତରେ କୃଷିକ୍ଷେତ୍ରରେ ଯାନ୍ତ୍ରିକକରଣର ଜାତୀୟହାର ୪୨ପ୍ରତିଶତ ଥିବାବେଳେ ଓଡ଼ିଶାରେ ତାହା ୩୫ପ୍ରତିଶତ ରହିଛି। ଓଡ଼ିଶାରେ ଯାନ୍ତ୍ରିକକରଣ ଜାତୀୟହାରଠାରୁ ବର୍ତ୍ତମାନ ମଧ୍ୟ କମ୍ ରହିଛି। ଚଳିତ ବର୍ଷ ରାଜ୍ୟରେ କୃଷିକ୍ଷେତ୍ରରେ ଯାନ୍ତ୍ରିକକରଣର ସୁବିଧା ଯୋଗାଇଦେବା ପାଇଁ ୧ ହଜାର କୋଟି ଟଙ୍କାର କୃଷିଯନ୍ତ୍ରପାତି ବିକ୍ରୟ କରାଯିବାର ଲକ୍ଷ୍ୟ ରଖାଯାଇଛି। ତନ୍ମଧ୍ୟରୁ କୃଷକମାନେ ପ୍ରାୟ ୩୦୦ କୋଟି ଟଙ୍କାର ରିହାତି ପାଇପାରିବେ। ଯନ୍ତ୍ରପାତି ମେଳାର ସମୟ, ଆକାର ଓ ବେଗକୁ ଦୃଷ୍ଟିରେ ରଖି ଏହାକୁ ବ୍ଲକ୍‌ସ୍ତରକୁ ସମ୍ପ୍ରସାରିତ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ସ୍ଥାନୀୟ ଉପର ବାଲିଯାତ୍ରା ପଡ଼ିଆଠାରେ ଆୟୋଜିତ ଜିଲ୍ଲାସ୍ତରୀୟ କୃଷିଯନ୍ତ୍ରପାତି ମେଳାକୁ ଉଦ୍‌ଘାଟନ କରି କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଉକ୍ତ ବିଷୟ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ମେୟର ସୁବାସ ଚନ୍ଦ୍ର ସିଂହ କହିଲେ ଯେ କୃଷକମାନଙ୍କର ଆୟକୁ ବହୁଗୁଣିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁ ଉଦ୍ୟମ ଆରମ୍ଭ କରିଥିଲେ ତାହାର ସୁଫଳ ଆଜି ଚାଷୀମାନେ ପାଇପାରୁଛନ୍ତି। କଟକ ଜିଲ୍ଲା ପରିଷଦ କୃଷି ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ଆଶିଷ କୁମାର ସାହୁ କହିଲେ ଯେ ମୁଖ୍ୟମନ୍ତ୍ରୀ ଓଡ଼ିଶାର କୃଷି ବଜେଟକୁ ତିନିଗୁଣ ଅଭିବୃଦ୍ଧି କରି କୃଷିକ୍ଷେତ୍ର ନିମନ୍ତେ ଚଳିତବର୍ଷ ୨୪,୮୨୯ କୋଟି ବ୍ୟୟ ଅଟକଳ ଧାର୍ଯ୍ୟ କରିଛନ୍ତି। ଉଦ୍ୟାନ କୃଷିଠାରୁ ଆରମ୍ଭ କରି ସମସ୍ତ କୃଷି କାର୍ଯ୍ୟକ୍ରମରେ ଯନ୍ତ୍ରପାତିର ବିନିଯୋଗକୁ ଉପଯୋଗ କରିବା ନିମନ୍ତେ ଲୋକ ପ୍ରତିନିଧିମାନଙ୍କ ସହିତ ଯୋଗସୂତ୍ର ରକ୍ଷାକରି ସରକାରୀ ଅଧିକାରୀମାନେ କୃଷି ଯୋଜନାଗୁଡ଼ିକୁ ବିସ୍ତାରିତ କରି ଚାଷୀମାନଙ୍କ ମଧ୍ୟରେ ପ୍ରତିବଦ୍ଧତା ସୃଷ୍ଟି କରିବା ଏହି ମେଳାର ଅନ୍ୟ ଏକ ଦିଗ ବୋଲି ଉତ୍ସବରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ନରହରି ସେଠୀ ପ୍ରକାଶ କରିଛନ୍ତି। କୃଷି ବିଭାଗର ମୁଖ୍ୟଯନ୍ତ୍ରୀ କୃଷି ମୁକ୍ତିକାନ୍ତ ମହାପାତ୍ର, ଅଧୀକ୍ଷଣ ଯନ୍ତ୍ରୀ ଜଗବନ୍ଧୁ ରାଉତ, ଜିଲ୍ଲା ମୁଖ୍ୟକୃଷି ଅଧିକାରୀ ଅଶୋକ କୁମାର କର ପ୍ରମୁଖ ମଞ୍ଚାସୀନ ରହି କୃଷିକ୍ଷେତ୍ରରେ ଯନ୍ତ୍ରପାତିର ଉପଯୋଗ ସମ୍ବନ୍ଧରେ ଉଦ୍‌ବୋଧନ ଦେଇଥିଲେ। ମଣ୍ଡଳ କୃଷି ଅଧିକାରୀ କୁଳମଣି ବାରିକ ଧନ୍ୟବାଦ ଦେଇଥିଲେ।

## ବାପାକୁ ମାଡ଼ମାରି ପୁଅ ଗିରଫ

କଟକ,୨୭।୧୨(ସମିସ): ବାପାକୁ ମାଡ଼ ମାରିବା ଅଭିଯୋଗରେ ପୁଅକୁ ସିଆର୍‌ଆର୍‌ଆଇ ଥାନା ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଉଛି, ବିଦ୍ୟାଧରପୁର ବାରିକସାହିର ସଂଗ୍ରାମ ମହାନ୍ତି(୩୭)। ବୁଧବାର ତାକୁ କୋର୍ଟ ଚାଲାଣ କରାଯାଇଛି। ପୁଲିସର ସୂଚନା ମୁତାବକ, ଅଭିଯୁକ୍ତ ସଂଗ୍ରାମ ଡ୍ରାଇଭର ଭାବେ କାମ କରୁଥିଲା। ଯାହା ରୋଜଗାର କରେ, ସେତକ ଟଙ୍କା ନିଶା ସେବନରେ ଶେଷ କରିଦିଏ। ଏହି କାରଣରୁ ଘରେ ପ୍ରାୟ ସମୟ କଳିକଜିଆ ହୁଏ। ସଂଗ୍ରାମ ମଧ୍ୟ ନିଶା ସେବନ କରି ଘରକୁ ଆସି ନିଜ ସ୍ତ୍ରୀ, ପିଲାଙ୍କୁ ମାଡ଼ଧର କରେ। ଲୋକଲଜ୍ଜାରୁ ଦୂରେଇ ରହିବାକୁ ଯାଇ ପରିବାର ଲୋକେ ବାରିକସାହି ଛାଡ଼ି ନୂଆବଜାର ଅଞ୍ଚଳରେ ଘର ଭଡ଼ା ନେଇ ରହୁଛନ୍ତି। ବୁଧବାର ସକାଳେ ସଂଗ୍ରାମର ବାପା ନିରଞ୍ଜନ ସାଇକଲ ଯୋଗେ ଯାଉଥିଲେ। ନୂଆବଜାର ମୁଖ୍ୟ ରାସ୍ତାରେ ସଂଗ୍ରାମ ନିଶାସକ୍ତ ଅବସ୍ଥାରେ ଆସି ତାଙ୍କୁ ଅଟକାଇ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲା।

# ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ

ତିଗିରିଆ,୨୭।୧୨(ସମିସ):



ସ୍ଥାୟୀ ଘର କରିଥିବା ବେପାରୀଙ୍କୁ ମାଫ୍; ଚିନ୍ତାରେ ଅସ୍ଥାୟୀ ଦୋକାନୀ

ଦୀର୍ଘ ଦିନ ଧରି ରାସ୍ତା ଅବରୋଧ କରି ତିଗିରିଆ ଟାଉନର ଗୋହିରିଦ୍ୱାର ଛକଠାରୁ ରାଜବାଟୀ ଦୀର୍ଘ ୧.୫ କି.ମି. ଦୂରତା ବିଶିଷ୍ଟ ରାସ୍ତାର ଦୁଇପାର୍ଶ୍ୱରେ ଥିବା ଡ୍ରେନ୍ ଉପରେ ଅସ୍ଥାୟୀ କ୍ୟାବିନ ପକାଇ ନିଜ ପରିବାର ପ୍ରତିପୋଷଣ କରୁଥିବା ବ୍ୟବସାୟୀମାନଙ୍କ ଉପରେ ସ୍ଥାନୀୟ ପ୍ରଶାସନ ଦାଉ ସାଧୁଛି। ମଙ୍ଗଳବାର ବିଳମ୍ବିତ ସନ୍ଧ୍ୟାରେ ଗୋହିରିଦ୍ୱାର ଛକଠାରୁ ରାଜବାଟୀ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ପଡ଼ିଥିବା କ୍ୟାବିନ ତଥା ରାସ୍ତା ଓ ଡ୍ରେନ୍ ଉପରେ ଘର କରିଥିବା ବ୍ୟକ୍ତିମାନଙ୍କୁ ତୁରନ୍ତ ଜବରଦଖଲ ହଟାଇବା ପାଇଁ ତିଗିରିଆ ତହସିଲ୍ ପକ୍ଷରୁ ନୋଟିସ ଦିଆଯିବା ସହିତ ପ୍ରଶାସନର ଆଦେଶକୁ ଉଲ୍ଲଂଘନ କଲେ ସମ୍ପୃକ୍ତ ଘର ବା କ୍ୟାବିନ୍ ଭଙ୍ଗାଯିବା ସହ ସେଥିରେ ଥିବା ସମସ୍ତ ଜିନିଷକୁ ବାଜ୍ୟାପ୍ତି କରାଯିବ ବୋଲି ସୂଚନା ଦିଆଯାଇଛି। ଫଳରେ ମଙ୍ଗଳବାରଠାରୁ ତିଗିରିଆ ନିଜିଗଡ଼ ଗ୍ରାମରେ ଏକ ପ୍ରକାର କୋକୁଆ ଭୟ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ସରକାରୀ ଜମିକୁ ଜବରଦଖଲ କରି ଘର କରିଥିବା ବ୍ୟକ୍ତିଙ୍କୁ ପ୍ରଶାସନ କିଛି କହୁ ନ ଥିବାବେଳେ ଅସ୍ଥାୟୀ ଦୋକାନୀଙ୍କ ଉପରେ ଜୁଲମ୍ କରୁଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ମୁତାବକ, ଗୋହିରିଦ୍ୱାର-ରାଜବାଟୀ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ସରକାରୀ ଡ୍ରେନେଜ୍ ବ୍ୟବସ୍ଥାକୁ କିଛି ଅସାଧୁ ଜନସାଧାରଣ ତଥା ବ୍ୟବସାୟୀ ମାଡ଼ିବସି ଜବରଦଖଲ କରିଥିବା ଫଳରେ ତିଗିରିଆ ନିଜିଗଡ଼ ଗ୍ରାମଟି ଅତି ସଂକୀର୍ଣ୍ଣ ପରିସ୍ଥିତିରେ ରହିଛି। ବିଶେଷ କରି ଗୋହିରିଦ୍ୱାର ଛକରେ କେତେକ ରାଜନୈତିକ ଶ୍ରେଣୀୟ ବ୍ୟକ୍ତି ସରକାରୀ ଜମି ଓ ଡ୍ରେନ୍‌କୁ ଜବରଦଖଲ କରି ଏହା ଉପରେ ସ୍ଥାୟୀ ଗୃହ ନିର୍ମାଣ କରିବା ସହିତ ଡ୍ରେନ୍ ଉପରେ କ୍ୟାବିନ୍ ପକାଇ ଅତି ଅନୈତିକ ଭାବେ ଅର୍ଥ ରୋଜଗାର କରୁଛନ୍ତି। ବିଭିନ୍ନ ସ୍ଥାନରେ ଡ୍ରେନ୍ ଅବରୋଧ ପାଇଁ ବର୍ଷ ବର୍ଷ ଧରି ଏହି ଡ୍ରେନ୍‌ରେ ପାଣି ନ ଯାଇ ଅଳିଆ ଅବର୍ଜନା ଗଦା ହୋଇ ରହିବା ଫଳରେ ମାଶା, ମାଛିରେ ଡ୍ରେନ୍‌ଟି ରହିଯାଇଛି। ପ୍ରଶାସନ ପକ୍ଷରୁ ଏନେଇ ବିଭିନ୍ନ ଅବରୋଧକାରୀଙ୍କୁ ଜବରଦଖଲ ହଟାଇବା ପାଇଁ ଚେତାବନୀ ଦିଆଯାଇଥିଲେ ହେଁ ରାଜନୈତିକ ଚାପ ପକାଇ ଜନସାଧାରଣ ପ୍ରଶାସନର ତାଗିଦାକୁ ଚ୍ୟାଲେଞ୍ଜ କରି ନିଜର ଅବାଧ କାରବାର ଚଳାଇବା ପ୍ରତିବାଦରେ ତହସିଲ୍ ପ୍ରଶାସନ ସଜାଗ ହୋଇ ଏପରି ପରିସ୍ଥିତି ସୃଷ୍ଟି କରିଛି। ଶନିବାର ସନ୍ଧ୍ୟାଠାରୁ ଏହି ଖବର ପ୍ରକାଶିତ ହେବା ପରେ ସ୍ଥାୟୀ ଘର କରି ବ୍ୟବସାୟ ପ୍ରତିଷ୍ଠାନ କରିଥିବା ବ୍ୟବସାୟୀମାନେ ନିରବରେ ବସିରହିଥିବାବେଳେ ଡ୍ରେନ୍ ଉପରେ କ୍ୟାବିନ୍ ପକାଇ ନିଜ ପରିବାର ପ୍ରତିପୋଷଣ କରୁଥିବା ବ୍ୟବସାୟୀମାନେ ଉଭୟ ମଙ୍ଗଳବାର ରାତି ଓ ବୁଧବାର ଦିନତମାମ ନିଜ ନିଜର କ୍ୟାବିନ୍‌କୁ ଟ୍ରାକ୍ଟର ମୂଲିଆ ଲଗାଇ ଅନ୍ୟତ୍ର ସ୍ଥାନାନ୍ତର କରୁଥିବାର ଦେଖିବାକୁ ମିଳିଛି। ତେବେ ତିଗିରିଆ ନିଜିଗଡ଼ ଗ୍ରାମର କିଛି ମୁଷ୍ଟିମେୟ ଲୋକ ଗଡ଼ ଭିତରେ ଥିବା ସରକାରୀ ଜମିକୁ ଅବରୋଧ କରି ଘରଦ୍ୱାର କରି ନିଜର ଆସ୍ଥାନ ଜମାଇଥିବାରୁ ପ୍ରଶାସନ ଦ୍ୱାରା ହଟାଯାଇଥିବା କ୍ୟାବିନ ରଖିବାକୁ ସ୍ଥାନର ଘୋର୍ ଅଭାବ ସୃଷ୍ଟି ହୋଇଛି।

## ଶ୍ୱାସନଳୀ ଟ୍ୟୁମର ଆକ୍ରାନ୍ତ ଯୁବକଙ୍କ ସଫଳ ଅସ୍ତ୍ରୋପଚାର

କଟକ,୨୭।୧୨(ସମିସ): ଏସ୍‌ସିବି ମେଡିକାଲରେ ଏକ୍‌ମୋ ମେସିନ ସହାୟତାରେ ଅଣକୋଭିଡ୍ ରୋଗୀଙ୍କୁ ସୁସ୍ଥ କରାଯାଉଛି। ଏଠାକାର କାର୍ଡିଓ ଥୋରାସିସ ଆଣ୍ଡ ଭସ୍କୁଲାର ସର୍ଜରୀ(ସିଟିଭିଏସ୍) ବିଭାଗର ଡାକ୍ତରମାନଙ୍କ ଉଦ୍ୟମରେ ଏକ୍‌ମୋ ମେସିନର ସଦୁପଯୋଗ କରାଯାଉଛି। କ୍ରମାଗତ ଭାବେ ଅନେକ ରୋଗୀ ଏଭଳି ସୁସ୍ଥ ହେଉଛନ୍ତି। ତେବେ ବୁଧବାର ସାଲେପୁର ଅଞ୍ଚଳର ଜଣେ ଯୁବକଙ୍କର ଏକ୍‌ମୋ ମେସିନ ସହାୟତାରେ ଅସ୍ତ୍ରୋପଚାର କରାଯାଇଛି। ସେ ଶ୍ୱାସନଳୀ ଟ୍ୟୁମର ରୋଗରେ ଆକ୍ରାନ୍ତ ଥିଲେ। ଅସ୍ତ୍ରୋପଚାର ପରେ ତାଙ୍କୁ ଆଇସିୟୁରେ ରଖାଯାଇଛି ବୋଲି ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ମନୋଜ ପଟ୍ଟନାୟକ କହିଛନ୍ତି।

ସାଲେପୁର ବ୍ଲକ୍ ବୋଧସରା ଗ୍ରାମର ଆୟୁଷ୍ମାନ ବେହେରା(୨୪) ଶ୍ୱାସକ୍ରିୟାରେ ସମସ୍ୟା ଭୋଗୁଥିଲେ। ସଠିକ୍ ଭାବେ ପ୍ରଶ୍ୱାସ ନିଃଶ୍ୱାସ ନେଇ ପାରୁ ନ ଥିଲେ। ପ୍ରାୟ ସମୟରେ ତାଙ୍କୁ ହାଲିଆ ଲାଗୁଥିଲା। କିଛି ମାସ ହେବ ଏଭଳି ସ୍ୱାସ୍ଥ୍ୟ ସମସ୍ୟା ଭୋଗିବା ପରେ ସେ ଚିକିତ୍ସା ନିମନ୍ତେ ବଡ଼ ମେଡିକାଲ ଆସିଥିଲେ। ପ୍ରଥମେ ତାଙ୍କୁ ଛାତି ଓ ଯକ୍ଷ୍ମା ରୋଗ ବିଭାଗରେ ଭର୍ତ୍ତି କରାଯାଇଥିଲା। ପରୀକ୍ଷାନିରୀକ୍ଷା ପରେ ତାଙ୍କ ଶ୍ୱାସନଳୀରେ ଟ୍ୟୁମର ଥିବା ଜଣାପଡ଼ିଥିଲା। ଏଣୁ ଆୟୁଷ୍ମାନଙ୍କୁ ସିଟିଭିଏସ୍ ବିଭାଗକୁ ସ୍ଥାନାନ୍ତର କରାଯାଇଥିଲା। ବିନା ଆନାସ୍ଥେସିଆରେ ଅସ୍ତ୍ରୋପଚାର ଆବଶ୍ୟକତା ଥିବା ହେତୁ ଏକ୍‌ମୋ ମେସିନର ସହାୟତା ନିଆଯାଇଥିଲା। ବୁଧବାର ଅସ୍ତ୍ରୋପଚାର କରାଯାଇଛି। ଆୟୁଷ୍ମାନଙ୍କୁ ଏବେ ଆଇସିୟୁରେ ରଖାଯାଇଥିବାବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ସ୍ୱତନ୍ତ୍ର ଡାକ୍ତରୀ ଦଳ ତାଙ୍କୁ ନିରୀକ୍ଷଣ କରୁଛନ୍ତି।

ସିଟିଭିଏସ୍ ବିଭାଗରେ ଭର୍ତ୍ତି ହୋଇଥିଲେ ସାଲେପୁରର ଆୟୁଷ୍ମାନ

ଏକ୍‌ମୋ ସପୋର୍ଟରେ ସୁସ୍ଥ ହେଲେ ଅଣକୋଭିଡ୍ ରୋଗୀ

ଡାକ୍ତରଙ୍କ କହିବା ମୁତାବକ, ଏହା ଏକ ଜଟିଳ ରୋଗ। ଏଭଳି ରୋଗୀ ପୂର୍ବରୁ ଚିକିତ୍ସା ସେବା ପାଇ ପାରୁନଥିଲେ। କିଛି ରୋଗୀ ଚିକିତ୍ସା ନିମନ୍ତେ ରାଜ୍ୟ ବାହାରକୁ ଯାଉଥିଲେ। ଯାହା ବ୍ୟୟବହୁଳ ରହୁଥିଲା। ମାତ୍ର ଏସ୍‌ସିବିରେ ଏକମୋ ୟୁନିଟ ପ୍ରତିଷ୍ଠା ହେବା ପରେ ଶ୍ୱାସନଳୀ ଜନିତ ଟ୍ୟୁମର ରୋଗୀ ନିଃଶୁଳ୍କରେ ଆରୋଗ୍ୟ ଲାଭ କରୁଛନ୍ତି। ପ୍ରକାଶଯୋଗ୍ୟ, କୋଭିଡ ମହାମାରୀର କୋପ ଆଉ ନାହିଁ। ଦୁଇ ବର୍ଷ ପୂର୍ବେ ଏହି ମହାମାରୀ ସମଗ୍ର ବିଶ୍ୱକୁ ଗ୍ରାସ କରିଥିଲା। ଅନେକ ଲୋକ ଅକାଳରେ ପ୍ରାଣ ହରାଇଥିଲେ। 'ଏକ୍‌ମୋ' ଚିକିତ୍ସା ହିଁ ଜୀବନରକ୍ଷାର ଏକମାତ୍ର ମାଧ୍ୟମ ପାଲଟିଥିଲା। ଏହାକୁ ଉପଲବ୍ଧି କରି ରାଜ୍ୟ ସରକାର ୨୦୨୧ରେ ଏସ୍‌ସିବି ମେଡିକାଲରେ ଏକ୍‌ମୋ ୟୁନିଟ ପ୍ରତିଷ୍ଠା କରିଥିଲେ। ଏଠାରେ ସଂସ୍ଥାପିତ ହୋଇଥିବା ଏକ୍‌ମୋ ମେସିନ ଏବେ ବି ରୋଗୀଙ୍କୁ ନୂଆ ଜୀବନ ଦେବାରେ ସହାୟକ ହେଉଛି। ସିଟିଭିଏସ୍ ବିଭାଗ ଅଧୀନରେ ଥିବା ଏକ୍‌ମୋ ମେସିନ ସପୋର୍ଟରେ ଅନେକ ଅଣକୋଭିଡ୍ ରୋଗୀ ସୁସ୍ଥ ହେଉଛନ୍ତି। କିଛି ଦିନ ପୂର୍ବେ ଦେବଗଡ଼ ଅଞ୍ଚଳର ଜଣେ ଯୁବକ ମଧ୍ୟ ଶ୍ୱାସନଳୀ ଟ୍ୟୁମର ରୋଗରୁ ସୁସ୍ଥ ହୋଇଥିଲେ।

## ସୁଧାଂଶୁ ସାହୁ ମେମୋରିଆଲ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ: ଡାଇମଣ୍ଡ କ୍ଳବ୍ ବିଜୟୀ

**ଚୌଦ୍ୱାର,୨୭।୧୨(ସମିସ):** ଚୌଦ୍ୱାର ପୌରପାଳିକା ଦୌଲତାବାଦସ୍ଥିତ ଅମରଜ୍ୟୋତି କ୍ଳବ୍ ଆନୁକୂଲ୍ୟରେ ଆୟୋଜିତ ସୁଧାଂଶୁ ସାହୁ ଓ ସୁଧାକର ମହାପାତ୍ର ମେମୋରିଆଲ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିନ ମ୍ୟାଚ୍‌ରେ ଖୋର୍ଦ୍ଧାର ଡାଇମଣ୍ଡ କ୍ଳବ୍ ବିଜୟ ହାସଲ କରିଛି। ଦେଉଳିର ବାଲୁଙ୍କେଶ୍ୱର ଫୁଟ୍‌ବଲ୍ ଟିମ୍ ଓ ଡାଇମଣ୍ଡ କ୍ଳବ୍ ମଧ୍ୟରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଡାଇମଣ୍ଡ କ୍ଳବ୍ ବାଲୁଙ୍କେଶ୍ୱର ବିପକ୍ଷରେ ୫ଟି ଗୋଲ୍ ସ୍କୋର୍ କରିଥିବାବେଳେ ବାଲୁଙ୍କେଶ୍ୱର ମାତ୍ର ଗୋଟିଏ ଗୋଲ୍ ସ୍କୋର କରିବାରେ ସଫଳ ହୋଇଥିଲା। ଡାଇମଣ୍ଡର ଟୁକୁନୁ ମୁର୍ମୁ ସର୍ବାଧିକ ୩ଟି ଗୋଲ୍ ସ୍କୋର କରିଥିଲେ। ଏଥିପାଇଁ ସାବିତ୍ରୀ ଜୁଏଲର୍ସର ସତ୍ତ୍ୱାଧିକାରୀ ପରେଶ ମହାନ୍ତି ଶ୍ରୀ ମୁର୍ମୁଙ୍କୁ ପୁରସ୍କାର ସ୍ୱରୂପ ୩ ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରିଥିଲେ। ରେଫରୀ ସଞ୍ଜୀବ ଦାସ, ବ୍ରହ୍ମାନନ୍ଦ ଭୋଇ, ଲକି ହେମ୍ବ୍ରମ ଓ ଧନୁ ସୋରେନ୍ ମ୍ୟାଚ୍ ପରିଚାଳନା କରିଥିଲେ। ଉଦ୍ୟୋଗପତି ରତନ କୁମାର ସାନ୍ତୁକା ଓ ମୁରଲୀଧର ମହାରଣା ଏଥିରେ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। କ୍ଳବ୍‌ର ଅମୂଲ୍ୟ ଗିରି, ସୁକଦେବ ଭୂୟାଁ, ତ୍ରିଲୋଚନ ରାଉତ, ସଞ୍ଜୟ ବେହେରା, ସରୋଜ ରାଉତ, ମନୋଜ ବେଉରା, ଲଲୁନା ସୁବୁଦ୍ଧିରାୟ, ବିକ୍ରମ ସାମଲ, ଅନୀଲ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୮ମ ପାଞ୍ଚଗାଁ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: ସେମିରେ ଯାଜପୁର

**ତିଗିରିଆ,୨୭।୧୨(ସମିସ):** ତିଗିରିଆ ବ୍ଲକ୍ ପାଞ୍ଚଗାଁ ମିନି ଷ୍ଟାଡିୟମ୍‌ଠାରେ ଆସୋସିଏସନ୍ ଦିବ୍ୟଜ୍ୟୋତି ଆନୁକୂଲ୍ୟରେ ଚାଲିଥିବା ୮ମ ପାଞ୍ଚଗାଁ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟର ବୁଧବାର ଆୟୋଜିତ ଅନ୍ତିମ ଲିଗ୍ ମ୍ୟାଚ୍‌ରେ ୟୁନାଇଟେଡ୍ କ୍ଳବ୍, ଗଣ୍ଡରପୁର (ଭୁବନେଶ୍ୱର) ଦଳ ଟାଇବ୍ରେକର ଜରିଆରେ ଯାଜପୁରର ଦିଫା ଫୁଟ୍‌ବଲ୍ ଟିମ୍‌ଠାରୁ ୪-୩ ଗୋଲ୍ ବ୍ୟବଧାନରେ ପରାସ୍ତ ହୋଇଛି। ସୋମପଡ଼ା ଗ୍ରାମ ପଞ୍ଚାୟତର ସରପଞ୍ଚ ପ୍ରଶାନ୍ତ କୁମାର ରାଉତ ଓ ବିନ୍ଧାଣିମା ସରପଞ୍ଚ ପ୍ରତିନିଧି ମାନସ କୁମାର ଜେନା ଅତିଥି ରୂପେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ରେଫରୀ ସେକ୍ ହୟାତ୍ ପରିଚାଳନା କରିଥିବାବେଳେ ତାଙ୍କୁ ଲାଇନ୍‌ରେ ଅବ୍‌ଦୁଲ ମାଟିନ୍, ଶକ୍ତିରଞ୍ଜନ ସାହୁ ସହାୟତା କରିଥିଲେ। ୪ର୍ଥ ରେଫରୀ ରୂପେ ସୁବାସ ଚନ୍ଦ୍ର ମୁଦୁଲି ଦାୟିତ୍ୱ ନିର୍ବାହ କରିଥିଲେ। ଗୁରୁବାର ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମି ଫାଇନାଲ୍ ମ୍ୟାଚ୍‌ରେ କଟକର ଚାଉଳିଆଗଞ୍ଜ ଫୁଟ୍‌ବଲ ଟିମ୍ ସହ ପାଞ୍ଚଗାଁ ଆଞ୍ଚଳିକ ଆଥ୍‌ଲେଟିକ୍ ଆସୋସିଏସନର ଭେଟ ହେବ।

## ଆଠଗଡ଼ରେ ପ୍ରଥମ ଧାନମଣ୍ଡି ଉଦ୍‌ଘାଟିତ

**ଆଠଗଡ଼,୨୭।୧୨(ସମିସ):** ଆଠଗଡ଼ରେ ପ୍ରଥମ ଖରିଫ ଧାନମଣ୍ଡି ଆଠଗଡ଼ର ରାଜନଗରଠାରେ ଉଦ୍‌ଘାଟିତ ହୋଇଯାଇଛି। ରାଜନଗର ପ୍ରାଥମିକ ସେବା ସମବାୟ ସମିତି ଦ୍ୱାରା ଏହି ଧାନମଣ୍ଡିକୁ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରି ରାଜ୍ୟରେ ଚଳିତ ଖରିଫ ଋତୁରେ ଧାନ କ୍ରୟ ପାଇଁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ। ପଞ୍ଜିକୃତ ଚାଷୀଙ୍କର ସମସ୍ତ ବଳକା ଧାନ ଏହି ମଣ୍ଡି ଜରିଆରେ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟ ଦେଇ କ୍ରୟ କରାଯିବ। ରାଜନଗର ମଣ୍ଡିରେ ପ୍ରଥମ ଦିନ ୩ ଜଣ ଚାଷୀଙ୍କଠାରୁ ୧୦୭.୩୫ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଥିଲା। ନରସିଂହପୁର ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଧାନର ମାନ ଯାଞ୍ଚ କରି ସେହି ଅନୁଯାୟୀ ଧାନ କ୍ରୟ କରାଯିବ। ଏହି କାର୍ଯ୍ୟକ୍ରମରେ ତହସିଲ୍‌ଦାର କ୍ଷେତ୍ରମୋହନ ସ୍ୱାଇଁ, ସମବାୟ ସମିତି ସମୂହର ସହକାରୀ ନିବନ୍ଧକ ବିଜେନ୍ଦ୍ର କୁମାର ମହାନ୍ତି, ସହକାରୀ ଯୋଗାଣ ଅଧିକାରୀ ଜଗମୋହନ ଦାସ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଆଠଗଡ଼ ଶାଖା ପରିଚାଳକ ଲକ୍ଷ୍ମୀଧର ପଣ୍ଡା, ନରସିଂହପୁର ନିୟନ୍ତ୍ରଣ ବଜାର କମିଟି ସମ୍ପାଦକ ରାମନାରାୟଣ ମଲ୍ଲିକ, ରାଜନଗର ସମିତିର ସଭାପତି ଗଜେନ୍ଦ୍ର ରାଉତଙ୍କ ସମେତ ସରପଞ୍ଚ, ସମିତିସଭ୍ୟ ପ୍ରମୁଖ ଯୋଗଦେଇଥିଲେ। ସମବାୟ ସମିତି ସମ୍ପାଦକ ଶୈଳେନ୍ଦ୍ର ନାରାୟଣ ସ୍ୱାଇଁ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଜୀବନଜ୍ୟୋତି ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ବଡ଼ମ୍ବା ସବ୍ ଜଜ୍ କୋର୍ଟ ଉଦ୍‌ଘାଟିତ

ବଡ଼ମ୍ବା,୨୭।୧୨(ସମିସ): ବୁଧବାର ବଡ଼ମ୍ବା କୋର୍ଟ ପରିସରରେ ଉଦ୍‌ଘାଟିତ ହୋଇଛି ଦେୱାନୀ ଜଜ୍ (ବରିଷ୍ଠ ବିଭାଗ) ତଥା ସହକାରୀ ଦୌରା ଜଜ୍‌ଙ୍କ ଅଦାଲତ। ଓଡ଼ିଶା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦେୱାନୀ ଜଜ୍ (ବରିଷ୍ଠ ବିଭାଗ)ର ନୂତନ ଗୃହକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ବଡ଼ମ୍ବା କୋର୍ଟର ବିଚାରପତିଙ୍କ ସହିତ ବାର୍ ଆସୋସିଏସନ୍‌ର ସମସ୍ତ ସଦସ୍ୟ ଉପସ୍ଥିତ ରହି ମୁଖ୍ୟ ବିଚାରପତିଙ୍କୁ ସ୍ୱାଗତ କରିବା ସହିତ ଶୁଭେଚ୍ଛା ଜଣାଇଥିଲେ। ଏହି ଦେୱାନୀ ଜଜ୍ ପାଇଁ ସାଧାରଣ ଲୋକେ ଆଠଗଡ଼ ଯିବାକୁ ପଡୁଥିଲା। ତାହା ଏବେ ବଡ଼ମ୍ବା କୋର୍ଟ ପରିସରରେ ଲୋକେ ଲାଭ ଉଠାଇ ପାରିବେ ବୋଲି ମୁଖ୍ୟ ବିଚାରପତି ଶ୍ରୀ ଷଡ଼ଙ୍ଗୀ ସୂଚନା ଦେଇଥିଲେ। ଏହି ଅବସରରେ ବଡ଼ମ୍ବା ବାର୍ ଆସୋସିଏସନ୍‌ର ସଭାପତି ସନ୍ତୋଷ କୁମାର ବେହେରାଙ୍କ ସହିତ ଆଇନଜୀବୀ ସନ୍ତୋଷ ପଟ୍ଟନାୟକ, ସରୋଜ ବେଉରା, ପ୍ରମୋଦ ପୁହାଣ, କୈଳାସ ଜେନା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।



# 'ନୂଆ ଓଡ଼ିଶା, ଯୁବ ଓଡ଼ିଶା'ରେ ବ୍ଲକ୍‌ସ୍ତରୀୟ ପୁରସ୍କାର ବିତରଣ

**ନିଶ୍ଚିନ୍ତକୋଇଲି,୨୭।୧୨(ସମିସ)**



ରାଜ୍ୟ ସରକାରଙ୍କ 'ନୂଆ-ଓ, ଯୁବ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମରେ ଅନୁଷ୍ଠିତ ହେଉଥିବା ବ୍ଲକ୍‌ସ୍ତରୀୟ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ ପଞ୍ଚାୟତ ପ୍ରହଲ୍ଲାଦ କଲେଜ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। ପୂର୍ବରୁ ବ୍ଲକ୍‌ସ୍ତରରେ ଖେଳିବା ପାଇଁ ୧୭୦ଟି ଟିମ୍ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ କରିଥିଲାବେଳେ ୬ଟି ଜୋନ୍ ଦ୍ୱାରା ସମ୍ପୃକ୍ତ ଟିମ୍‌ମାନଙ୍କୁ ନେଇ ହକି, ଫୁଟ୍‌ବଲ୍, ଭଲିବଲ, ଖୋ ଖୋ, କବାଡ଼ି ଆଦି ଖେଳ କରାଯାଇ ଚାମ୍ପିଅନ୍ ଓ ଉପଚାମ୍ପିଅନ ଦଳକୁ ଚୟନ କରାଯାଇଥିଲା। ବୁଧବାର ପୂର୍ବାହ୍ଣରେ କ୍ରିକେଟ ପ୍ରତିଯୋଗିତାକୁ ବିଡିଓ ଧର୍ମରଞ୍ଜନ ପଣ୍ଡା ଉଦ୍‌ଘାଟନ କରିଥିଲାବେଳେ ଏଥିରେ ତହସିଲ୍‌ଦାର ଦିଲ୍ଲୀପ କୁମାର ନାୟକ, ଆଇଆଇସି ଯୁଗଳ କିଶୋର ଦାସ, ବ୍ଲକ୍ ଅଧକ୍ଷା ରୋଜୀ ସେଠୀ, ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ବିଜେଡି ସଭାପତି ରମାକାନ୍ତ ମହାନ୍ତି, ପ୍ରାକ୍ତନ ବ୍ଲକ୍ ଅଧ୍ୟକ୍ଷ ଗିରିଶ ରଞ୍ଜନ ମହାପାତ୍ର, ଜୋନ୍ ସଭାପତି ଜ୍ୟୋତିପ୍ରକାଶ ସ୍ୱାଇଁ, ଯୁବନେତା ମନୋଜ ସେଠୀ, ଜିଲ୍ଲା ପରିଷଦ ସଭ୍ୟ ବିପ୍ଳବ କାପ, ଭୂପତିଭୂଷଣ ଷଣ୍ଢ, ଜସ୍ମିତା ସେଠୀ, ସରପଞ୍ଚ ହିମାଂଶୁ ନାରାୟଣ ମଲ୍ଲ, ଗୋପବନ୍ଧୁ ସେଠୀ ପ୍ରମୁଖ ଯୋଗଦେଇଥିଲେ। ଅପରାହ୍ଣରେ ବିଧାୟକ ପ୍ରତାପ ଜେନା ଯୋଗଦେଇ ବିଭିନ୍ନ ଖେଳରେ କୃତିତ୍ୱ ଅର୍ଜନ କରିଥିବା ଖେଳାଳିମାନଙ୍କୁ ଜିଲ୍ଲା ଓ ରାଜ୍ୟସ୍ତରରେ ତାଲିମ ଦେବା ନିମନ୍ତେ ବ୍ୟବସ୍ଥା କରାଯିବା ସହିତ ପଞ୍ଚାୟତସ୍ତରରେ ଖେଳର ଅଭ୍ୟାସ ପାଇଁ ଆବଶ୍ୟକ ହେଲେ ଅନୁଦାନ ଯୋଗାଇଦେବାକୁ ପ୍ରକାଶ କରିଥିଲେ।

ଏହି ଅବସରରେ କ୍ରିକେଟରେ ଚାମ୍ପିଅନ ହୋଇଥିବା ସାନ୍ତପୁର ବିବିସି ଟିମ୍, ଫୁଟ୍‌ବଲ୍‌ରେ ଚାମ୍ପିଅନ ହୋଇଥିବା ନଗସପୁରର ଆଜାଦ୍ ହିନ୍ଦ୍ ଆଥ୍‌ଲେଟିକ୍ କ୍ଳବ୍, ଭଲି ବଲ ଓ ଖୋ ଖୋରେ ଚାମ୍ପିଅନ ହୋଇଥିବା କେନ୍ଦୁପାଟଣା ଟିମ୍, କବାଡ଼ିରେ ଚାମ୍ପିଅନ ହୋଇଥିବା ନତକାଇ ଫ୍ରିଡମ୍ ଫାଇଟର ଟିମ୍ ଏବଂ ମହିଳା କବାଡ଼ିରେ ଚାମ୍ପିଅନ ହୋଇଥିବା ନିଶ୍ଚିନ୍ତକୋଇଲି କବାଡ଼ି କ୍ଳବ୍‌କୁ ଟ୍ରଫି ସମେତ ନଗଦ ୨୦ ହଜାର, ପ୍ରଥମ ରନର୍ସ ଅପ୍ ଟିମ୍‌କୁ ୧୫ହଜାର ଏବଂ ଦ୍ୱିତୀୟ ରନର୍ସଅପ୍ ଦୁଇଟି ଲେଖାଏଁ ଟିମ୍‌କୁ ୧୦ହଜାର ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅଶୋକ ଓଝା ପୌରୋହିତ୍ୟ କରିଥିଲାବେଳେ ବ୍ଲକ୍ ସହକାରୀ ନିର୍ବାହୀ ଯନ୍ତ୍ରୀ ନଳିନୀକାନ୍ତ ମହାପାତ୍ର, ବିତ୍ତ ଅଧିକାରୀ ସୌମ୍ୟନନ୍ଦନ ପଟ୍ଟନାୟକ, ଗ୍ରାମପଞ୍ଚାୟତ ଅଧିକାରୀ ବିଷ୍ଣୁଚରଣ ବେହେରା, ସହକାରୀ ଯନ୍ତ୍ରୀ ବିଭୁଦତ୍ତ ରାଉତରାୟ, ଅନାମ ଚରଣ ବିଶ୍ୱାଳ, ବିଜୟ ସେଠୀ, ଏନ୍‌ବି ଦଳବେହେରା, ସମତା ଦେବତା, ପ୍ରିୟଦର୍ଶିନୀ ରାଉତ, ବନ୍ୟା ମହାନ୍ତି, ଲିଲିନା ନାୟକ, ମୁଖ୍ୟ କିରାଣି ଦିବ୍ୟଲୋଚନ ସ୍ୱାଇଁ, କୋଷାଧ୍ୟକ୍ଷ ମହମ୍ମଦ ଜିଆଉଦ୍ଦିନ୍, ସିପି ତାପସ ତନୟ ପଟ୍ଟନାୟକ, ବିଆର୍‌ସି ପ୍ରଦୀପ୍ତ ମହାନ୍ତି, ସମସ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ/ସଭ୍ୟା ଏବଂ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ। ଶେଷରେ ବିଡିଓ ଧର୍ମରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ନୂତନ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ



**ଆଠଗଡ଼,୨୭।୧୨(ସମିସ):** ଆଠଗଡ଼ ପାଇଁ ନୂତନ ଭାବରେ ହୋଇଥିବା ୬ଟି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ମଧ୍ୟରୁ ବୁଧବାର ଧାଇପୁର କାର୍ଯ୍ୟାଳୟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଆଠଗଡ଼ ବିଧାୟକ ତଥା ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରି ଏହି ରାଜସ୍ୱ ସର୍କଲ ଦ୍ୱାରା ଜମିଜମା ସମ୍ପର୍କିତ ତ୍ୱରିତ ନ୍ୟାୟ ମିଳିବ ବୋଲି କହିଥିଲେ। ଏହି କାର୍ଯ୍ୟାଳୟ ନିର୍ମାଣ ପାଇଁ ୪୮ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଥିବାବେଳେ ଉକ୍ତ କାର୍ଯ୍ୟକ୍ରମରେ ଆଠଗଡ଼ ତହସିଲ୍‌ଦାର କ୍ଷେତ୍ରମୋହନ ସ୍ୱାଇଁ, ଜିଲ୍ଲା ପରିଷଦ ସଭ୍ୟ ବଳଭଦ୍ର ବାଘ, ପ୍ରଶାନ୍ତ କୁମାର ସାହୁ, ସୋନାଲି ଗୋଛାୟତ, ଧରଣୀଧର ବେହେରା, ସୂର୍ଯ୍ୟକାନ୍ତ ଗୋଛାୟତ, ଧନେଶ୍ୱର ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ସର୍କଲ ଦ୍ୱାରା ଧାଇପୁର, ବେଣ୍ଟପଦା ଏବଂ ରାଧାଗୋବିନ୍ଦପୁର ପଞ୍ଚାୟତର ଜନସାଧାରଣ ଉପକୃତ ହୋଇପାରିବେ ବୋଲି କୁହାଯାଇଛି।

## ମାହାଙ୍ଗା ପ୍ରିମିୟର ଲିଗ୍ ଉଦ୍‌ଘାଟିତ

**ମାହାଙ୍ଗା,୨୭।୧୨(ସମିସ):** ମାହାଙ୍ଗା ବ୍ଲକ୍ ସାହାପୁର ପଞ୍ଚାୟତସ୍ଥିତ ବାଲିପଡ଼ିଆ ଖେଳପଡ଼ିଆଠାରେ ମାହାଙ୍ଗା ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥିଭାବେ ବିଧାୟକ ପ୍ରତାପ ଜେନା ଯୋଗଦେଇ ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହଯୋଗରେ ବିଦ୍ୟାଳୟଠାରୁ ଆରମ୍ଭ କରି ଗାଁ ଗାଁରେ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଯାହା ଫଳରେ ଗାଁ ଗହଳିରେ ଲୁକ୍କାୟିତ ପ୍ରତିଭାମାନେ ସେମାନଙ୍କର ଦକ୍ଷତା ପ୍ରତିପାଦନ କରିବା ସମ୍ଭବପର ହୋଇପାରିଛି ବୋଲି କହିଥିଲେ। ସରପଞ୍ଚ ସାରଦା ପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ବ୍ଲକ୍ ଉପାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ରିଆଜୁଲ ହୋଦା, ପ୍ରକାଶ ମହାନ୍ତି, ସତ୍ୟ ନାରାୟଣ ମହାନ୍ତି, ସ୍ୱାଧୀନ ମହାନ୍ତି, ସେକ୍ ଏନମ୍ ଖାଁ, ସମିତିସଭ୍ୟା ସୁବାସୀ ବେହେରା, ଅକ୍ଷୟ ସିଂହ ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ୮ଟି କ୍ରିକେଟ ଟିମ୍ ଭାଗ ନେଇଥିଲେ।



## ସାମାଜିକ କାର୍ଯ୍ୟକଳାପ ସଂକ୍ରାନ୍ତ ସଚେତନତା




**ନିଶ୍ଚିନ୍ତକୋଇଲି,୨୭।୧୨(ସମିସ):** ସମନ୍ୱିତ ଯୁବ ବିକାଶ ଓ ନୂଆ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ନିଶ୍ଚିନ୍ତକୋଇଲି ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟରେ ବିଭିନ୍ନ ସାମାଜିକ କାର୍ଯ୍ୟକଳାପ ସଂକ୍ରାନ୍ତ ସଚେତନତା କରାଯାଇଛି। ନୋଡାଲ ଅଫିସର ଅଧ୍ୟାପକ ଶିଶିର କୁମାର ସାହୁଙ୍କ ସଂଯୋଜନାରେ ଛାତ୍ରଛାତ୍ରୀମାନେ ପ୍ଲାଷ୍ଟିକମୁକ୍ତ, ସ୍ୱଚ୍ଛ ଭାରତ ଅଭିଯାନ, ନିଶା ନିବାରଣ, ଯୌତୁକ ବିରୋଧୀ କାର୍ଯ୍ୟକଳାପ ସଂକ୍ରାନ୍ତ ବିଭିନ୍ନ ସ୍ଲୋଗାନ ଏବଂ ପ୍ରଚାରପତ୍ର ଦେଖାଇ ଜନସଚେତନତା ସୃଷ୍ଟି କରାଇଥିଲେ। ସ୍ଥାନୀୟ ଗୋପପୁର ଓ ବଡ଼କ୍ଷୀର ଗ୍ରାମ ପରିକ୍ରମା କରି ପଥପ୍ରାନ୍ତ ନାଟକ ପରିବେଷଣ ମଧ୍ୟ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଡ. ଅଲେଖ ଚନ୍ଦ୍ର ସାମଲ, ପ୍ରଶାନ୍ତୀ ଭାରତୀ, ଦୀପକ ଦ୍ୱିବେଦୀ, ଡ. ତରୁଲତା ଦେବୀ, ସ୍ୱର୍ଣ୍ଣପ୍ରଭା ସାମଲ, ସୁଚିତ୍ର ସାହୁ, ପୁଷ୍ପଲତା ବେହେରା, ସମୀକ୍ଷା ଦାସ, ସରୋଜ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ନନ୍ଦନକାନନ ବୁଲିଲେ ୪୦,୩୧୬

**ବାରଙ୍ଗ,୨୭।୧୨(ସମିସ):** ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ବୁଧବାର ୪୦ ହଜାର ୩୧୬ ଜଣ ପର୍ଯ୍ୟଟକ ବୁଲିଛନ୍ତି। ଡିସେମ୍ବର ୨୫ ତୁଳନାରେ ଅଧିକ ସଂଖ୍ୟକ ପର୍ଯ୍ୟଟକ ବୁଲିଥିବା ଦେଖିବାକୁ ମିଳିଛି। ବାହାର ପର୍ଯ୍ୟଟକ ଅଧିକ ବୁଲିଥିବା ଦେଖିବାକୁ ମିଳିଥିଲା। ପର୍ଯ୍ୟଟକମାନେ ବୋଟିଂ ଓ ରୋପ୍‌ର ମଜା ଉଠାଇଛନ୍ତି। ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ବ୍ୟବସ୍ଥା ହୋଇଥିବାରୁ ପର୍ଯ୍ୟଟକଙ୍କର କୌଣସି ପ୍ରକାର ଅସୁବିଧା ହୋଇ ନ ଥିଲା। ନନ୍ଦନକାନନ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ୪୦ ହଜାର ୩୧୬ ଟିକଟ ବିକ୍ରି ହୋଇଥିଲା। ସେଥିମଧ୍ୟରୁ ଅଫ୍‌ଲାଇନ୍‌ରେ ୩୨ ହଜାର ୧୧୫, ଅନ୍‌ଲାଇନ୍‌ରେ ୨୨୩୮, ହ୍ୱାଟ୍ସଆପ୍‌ରେ ୫୮୧୯, ରୋପ୍‌ୱେରେ ୮୩ ଜଣ ଟିକଟ କରିଥିବାବେଳେ ୨୩ ଜଣ ଭିନ୍ନକ୍ଷମଙ୍କୁ ମାଗଣାରେ ନନ୍ଦନକାନନ ପରିକ୍ରମା କରାଇବା ପାଇଁ ଅନୁମତି ମିଳିଥିଲା। ସେହିପରି ଉଦ୍ଭିଦ ଉଦ୍ୟାନରେ ୩୮୨୪ ଜଣ ପର୍ଯ୍ୟଟକ ପ୍ରଜାପତି, ଗୋଲାପ ବଗିଚା, କାକ୍ଟସ ହାଉସ୍, ଗ୍ଲାସ୍ ହାଉସ୍, ଡ୍ରାଏ ଗାର୍ଡେନ, ଗ୍ରୀନ୍ ହାଉସ, ଅର୍କିଡ୍ ହାଉସ, ଔଷଧୀୟ ଉଦ୍ୟାନ, ଜାପାନିଜ୍ ଗାର୍ଡେନ, ପାମ୍ ଗାର୍ଡେନ, ଶିଶୁ ଉଦ୍ୟାନ, ମୋଗଲ ଗାର୍ଡେନ, ବୁଦ୍ଧ ପାର୍କରେ ବୁଲିଥିବା ଉପନିର୍ଦ୍ଦେଶକ ସନତ କୁମାର ନରାୟଣଙ୍କଠାରୁ ସୂଚନା ମିଳିଛି।



## ରାମକୃଷ୍ଣପୁରକୁ ପୁରୀରୁ ଆସିଲା ନିମନ୍ତ୍ରଣପତ୍ର



୧୯୯୬ରେ ପୁନାନନ୍ଦ ସାମଲଙ୍କ ବାଡ଼ିରୁ ବାହାରିଥିଲା ବଳଭଦ୍ରଙ୍କ ଦାରୁ

**ସାଲେପୁର,୨୭।୧୨(ସମିସ):** ଶ୍ରୀମନ୍ଦିରର ରୂପାନ୍ତରୀକରଣ ନେଇ ୧୯୯୬ ଓ ୨୦୧୫ ମସିହାରେ ବାହାରିଥିବା ଦାରୁସ୍ଥଳ ସହ ସାରା ରାଜ୍ୟର ଜଗନ୍ନାଥ ମନ୍ଦିରକୁ ଯାଇ ଶ୍ରୀମନ୍ଦିର ଦଇତାପତି ଓ ପ୍ରଶାସନ ପକ୍ଷରୁ ଆଗାମୀ ଜାନୁଆରୀ ୧୭ ତାରିଖ ପାଇଁ ନିମନ୍ତ୍ରଣ ପତ୍ର ବଣ୍ଟନ କରାଯାଉଛି। ଏହି ଅବସରରେ ପ୍ରଥମେ ଜଗନ୍ନାଥ ମହାପ୍ରଭୁଙ୍କୁ ନିମନ୍ତ୍ରଣ ପତ୍ର ଦେବା ପରେ ପୁରୀ ଶଙ୍କରାଚାର୍ଯ୍ୟ ଓ ଲିଙ୍ଗରାଜ ମହାପ୍ରଭୁଙ୍କୁ ନିମନ୍ତ୍ରଣ ପତ୍ର ଦିଆଯାଇଥିଲା। ପରେ ସମସ୍ତ ଦାରୁସ୍ଥଳ ଓ ରାଜ୍ୟର ସମସ୍ତ ଜଗନ୍ନାଥ ମନ୍ଦିରକୁ ନିମନ୍ତ୍ରଣ କରାଯାଉଛି। ଏହି ଅବସରରେ ୧୯୯୬ ମସିହାରେ ସାଲେପୁର ବ୍ଲକ୍ ଅନ୍ତର୍ଗତ ରାମକୃଷ୍ଣପୁର ଗ୍ରାମର ସ୍ୱର୍ଗତ ପୁନାନନ୍ଦ ସାମଲଙ୍କ ବାଡ଼ିରୁ ବାହାରିଥିବା ମହାପ୍ରଭୁ ବଳଭଦ୍ରଙ୍କ ଦାରୁସ୍ଥାନରେ ପହଞ୍ଚି ବୁଧବାର ପୁରୀ ଦଇତାପତିଙ୍କ ସହ ପ୍ରଶାସନିକ ଅଧିକାରୀ ପୁରୀ ପରିକ୍ରମା ପାଇଁ ନିମନ୍ତ୍ରଣପତ୍ର ପ୍ରଦାନ କରିଥିଲେ। ମୁଖ୍ୟ ଦଇତାପତି ବିନାୟକ ଦାଶମହାପାତ୍ର, ବିଜୟକୃଷ୍ଣ ଦାଶମହାପାତ୍ର, ନୋଡାଲ ଅଧିକାରୀ ସୁବୋଧ ହୋତା, ସାଲେପୁର ତହସିଲ୍‌ଦାର ଶିବ ମଲ୍ଲିକ ସ୍ୱର୍ଗତ ପୁନାନନ୍ଦ ସାମଲଙ୍କ ଘରେ ପହଞ୍ଚି ତାଙ୍କ ପରିବାର ସଦସ୍ୟ ଶୁଭଲକ୍ଷ୍ମୀ ସାମଲଙ୍କୁ ନିମନ୍ତ୍ରଣପତ୍ର ପ୍ରଦାନ କରିଥିଲେ। ସେହିପରି ଦାରୁ ବାହାରିଥିବା ସ୍ଥାନଟି ଅବହେଳିତ ଥିବା ଦେଖି ଅସନ୍ତୋଷ ପ୍ରକାଶ କରିବା ସହ ଆଗାମୀ ଦିନରେ ସ୍ଥାନଟିର କିଭଳି ଉନ୍ନତି କରାଯିବା ସହ ମହାପ୍ରଭୁଙ୍କ ଏକ ମନ୍ଦିର ନିର୍ମାଣ ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ରାଜ୍ୟସ୍ତରୀୟ ପ୍ରତିଭା ପୂଜା ଓ ସମ୍ବର୍ଦ୍ଧନା ଉତ୍ସବ

**ଫୁଲନଖରା,୨୭।୧୨(ସମିସ):**




'ପ୍ରତିଭା ପରିଚୟ' ପୁସ୍ତକ ଉନ୍ମୋଚିତ

ତେଲେଙ୍ଗାପେଣ୍ଠସ୍ଥିତ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ରାଜ୍ୟ କଳା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା ତରଫରୁ ତ୍ରୟୋବିଂଶତମ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ଓ ପ୍ରତିଭାପୂଜା ଉତ୍ସବ କଳାବିକାଶ କେନ୍ଦ୍ରରେ ମହାସମାରୋହରେ ପାଳନ ହୋଇଯାଇଛି। ଓଡ଼ିଶାର ପ୍ରତି ଜିଲ୍ଲାରୁ ୧୦ ଜଣ କରି ୩୦୦ ଜଣ ସୁନାମଧନ୍ୟ କଳାକାର, ସାହିତ୍ୟିକ, ସମାଜସେବକ, କୃଷକ, ଶିକ୍ଷକ, କ୍ରୀଡ଼ାବିତ୍‌ମାନଙ୍କୁ ସମ୍ମାନିତ କରାଯାଇଛି। ଏହି ଉପଲକ୍ଷେ ପ୍ରତିଭାବାନ୍ ବ୍ୟକ୍ତିମାନଙ୍କ ଜୀବନୀ ପୁସ୍ତକ 'ପ୍ରତିଭା ପରିଚୟ' ଉନ୍ମୋଚନ କରାଯିବା ସଙ୍ଗେ ସଙ୍ଗେ ଶିକ୍ଷା କ୍ଷେତ୍ରରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଜ୍ୟୋତି ରଞ୍ଜନ ମିଶ୍ର, ପ୍ରଶାସନିକ ସେବା କ୍ଷେତ୍ରରେ ସହଦେବ ସାହୁ, ସଂସ୍କୃତି ସୁରକ୍ଷା କ୍ଷେତ୍ରରେ ନରେନ୍ଦ୍ର କୁମାର ମିଶ୍ର, ପୁଲିସ୍ ପ୍ରଶାସନ କ୍ଷେତ୍ରରେ ଜ୍ୟୋତି ରଞ୍ଜନ ଗୌଡ଼, ଚିତ୍ରକଳା କ୍ଷେତ୍ରରେ ମୁକ୍ତିକାନ୍ତ ବେହେରା, ସଞ୍ଜୀବ କୁମାର ଦାଶଶର୍ମା, ମୁଖ୍ୟଯନ୍ତ୍ରୀ ଜଳସମ୍ପଦ ବିଭାଗ, ଋଷିକୁଲ୍ୟା, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଡା. ରବି ନାରାୟଣ ପଣ୍ଡା, ଏସ୍‌ସିବି ମେଡିକାଲ, ବିଜ୍ଞାନ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ପ୍ରଦ୍ୟୁମ୍ନ କୁମାର ପରିଡ଼ା, କୃଷି କ୍ଷେତ୍ରରେ ନରସିଂହ ପାଣିଗ୍ରାହୀଙ୍କୁ ସ୍ମାର୍ଟ ନବରତ୍ନ ସମ୍ମାନ ପ୍ରଦାନ କରାଯିବା ସଙ୍ଗେ ସଙ୍ଗେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କୁ ଉପାଧି, ଉତ୍କଳଜ୍ୟୋତି, ଉତ୍କଳ ସନ୍ତାନ, ରାଜ୍ୟସ୍ତରୀୟ ସମ୍ମାନ, ସ୍ୱୀକୃତି ଓ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି।

କଳାଭୂଷଣ ପ୍ରଶାନ୍ତ କୁମାର କରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ଉଦ୍‌ଘାଟକ ଭାବରେ ପ୍ରାକ୍ତନ ବିଚାରପତି ଏ.ଏସ୍. ନାଇଡୁ, ଡ. ପ୍ରସନ୍ନ କୁମାର ପାଟଶାଣୀ ମୁଖ୍ୟଅତିଥି, ବିଧାୟକ ମହମ୍ମଦ ମୋକିମ୍ ମୁଖ୍ୟବକ୍ତା, ଚଳଚ୍ଚିତ୍ର ଅଭିନେତା ଶ୍ରୀତମ୍ ଦାସ, ପୂର୍ବତନ ଜିଲ୍ଲା ଜଜ୍ ରତିକାନ୍ତ ମହାପାତ୍ର, ଶିଶୁଭବନର ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ପ୍ରଭାକର ମିଶ୍ର, ପୂର୍ବତନ ଜିଲ୍ଲା ଜଜ୍ କାଶୀନାଥ ପାଣିଗ୍ରାହୀ, ସୁନାମଧନ୍ୟ ଚିକିତ୍ସକ ପ୍ରଫେସର ଡା. କୃପାସିନ୍ଧୁ ପଣ୍ଡା, ପୂର୍ବତନ ବୀମା ଲୋକପାଳ ବିଭୁପ୍ରସନ୍ନ ପରିଜା, ସଭାପତି କଟକ ମହାନଗର ନାଗରିକ ମହାସଭା ଡ. ରବିରଞ୍ଜନ ସାହୁ, ଓୟୁଜେ କଟକ ଜିଲ୍ଲା ସାମ୍ବାଦିକ ୟୁନିୟନର ସଭାପତି ପ୍ରଫୁଲ୍ଲ କୁମାର ମହାନ୍ତି, ଆଧ୍ୟାତ୍ମିକ ସ୍ତମ୍ଭକାର ଶ୍ରୀ ସନ୍ନ୍ୟାସୀ ଜୀ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ପୁରପଲ୍ଲୀରେ ଥିବା ପ୍ରତିଭାମାନଙ୍କୁ ଚୟନ କରି ଲୋକଲୋଚନକୁ ଆଣିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ସ୍ମାର୍ଟ-ଓଡ଼ିଶାର କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ପ୍ରଭଞ୍ଜନ ପତି, ଉମେଶ ଚନ୍ଦ୍ର ଖୁଲାର, ପ୍ରମୋଦ କୁମାର ଓଝା, ନିରଞ୍ଜନ ସାହୁ, କମଳ ଲୋଚନ ଦାସ, ହୃଦାନନ୍ଦ ବେହେରା, ଅକ୍ଷୟ କୁମାର ଜେନା ଓ ପ୍ରଭୁଦତ୍ତ ପ୍ରସନଜିତ୍ କର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସମ୍ପାଦକ ନରେନ୍ଦ୍ର ନାଥ ଓଝା ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ସାଂସ୍କୃତିକ ସମ୍ପାଦକ କୁନ ଚରଣ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# ୧୪ କୋଟି ବ୍ୟୟରେ ଖରାଖିଆ-ମିର୍ଜାପୁର ରାସ୍ତାର ଶିଳାନ୍ୟାସ

**ସାଲେପୁର,୨୭।୧୨(ସମିସ):** ବୁଧବାର ଅପରାହ୍ଣରେ ୧୪ କୋଟି ଟଙ୍କା ବ୍ୟୟରେ ଖରାଖିଆ-ମିର୍ଜାପୁର ଭାୟା ପଟୁଆହାଟ ରାସ୍ତା ଉନ୍ନତିକରଣର ଶୁଭ ଶିଳାନ୍ୟାସ ଉତ୍ସବ କଟରପା ପଞ୍ଚାୟତ ଅଫିସ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ତ୍ତ, ଇସ୍ପାତ ଓ ଖଣି ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ନବୀନ ପଟ୍ଟନାୟକ ଓଡ଼ିଶାର ବିକାଶ ପାଇଁ କାର୍ଯ୍ୟ କରୁଛନ୍ତି। ସମଗ୍ର ଓଡ଼ିଶାବାସୀ ତାଙ୍କ ପରିବାର ବୋଲି ପ୍ରକାଶ କରିବା ସହ ଆଗାମୀ ସାଧାରଣ ନିର୍ବାଚନରେ ବର୍ତ୍ତମାନର ବିଧାୟକ ପ୍ରଶାନ୍ତ ବେହେରାଙ୍କୁ ବିପୁଳ ସଂଖ୍ୟାରେ ଭୋଟ୍ ଦେଇ ବିଧାୟକ ଭାବେ ନିର୍ବାଚିତ କଲେ ସାଲେପୁର ନିର୍ବାଚନମଣ୍ଡଳୀର ବିକାଶର ଧାରା ଜାରି ରହିବ ବୋଲି ପ୍ରକାଶ କରିଥିଲେ। ସମାଜସେବୀ ତଥା ସାଲେପୁର ବ୍ଲକ୍ ବିଜେଡି କାର୍ଯ୍ୟକାରିଣୀ କମିଟି ସଭାପତି ନାରାୟଣ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶିଳାନ୍ୟାସ ଉତ୍ସବରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ସାଲେପୁର ଅଞ୍ଚଳ ପ୍ରତ୍ୟେକ କ୍ଷେତ୍ରରେ ଆଗେଇ ଚାଲିଛି। ପାଠପଢ଼ାଠାରୁ ଆରମ୍ଭ କରି ରାସ୍ତାଘାଟ ଗମନାଗମନ, ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ଉନ୍ନତି ଘଟିଛି ବୋଲି ସେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ସାଲେପୁର ବ୍ଲକ୍ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ମହାନ୍ତି, ଆମ୍ବ୍ରର ସଭାପତି ଦିଲ୍ଲୀପ ଦାଶ, ସରପଞ୍ଚ ଜ୍ଞାନରଞ୍ଜନ ପଟ୍ଟନାୟକ, ପୂର୍ବତନ ବ୍ଲକ୍ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ରଞ୍ଜନ ରାଉଳ, ସମିତିସଭ୍ୟ ଗୟାଧର ମଲ୍ଲିକ, ପ୍ରଦୀପ୍ତ ଦାଶ, ବିଳାସ ମହାନ୍ତି, ତାପସ ବେହେରା, ଦେବାଶିଷ ପ୍ରଧାନ, ହେମନ୍ତ ଭୂଷଣ ପରିଡ଼ା, ତପନ ମହାରଣା, ପ୍ରକାଶ ଓଝା, ମିତ୍ରଭାନୁ ସ୍ୱାଇଁ, ଗିରିଶ ଚନ୍ଦ୍ର ସ୍ୱାଇଁ, ବିଜୟ ଜେନା, କୃଷ୍ଣଚନ୍ଦ୍ର ରଣା ପ୍ରମୁଖ ଉପସ୍ଥିତ ଥିଲେ।



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୩୬ ● ପାଉଣ୍ଡ ୧୦୬.୪୧
- ୟୁରୋ ୯୨.୧୧ ● ୟେନ୍ ୦.୫୮

**ସୁନାରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୫୮,୪୦୦ (ନୂଆଦିଲ୍ଲୀ)
- ରୁପା : ୭୯,୫୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୨,୦୩୮.୦୦
- ନିଫ୍ଟି ୨୧,୬୫୪.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୩.୩୬ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬



# ୧୦ କୋଟି ଜନ ଧନ ଆକାଉଣ୍ଟ ନିଷ୍କ୍ରିୟ

**ଖାତାରେ ଜମା ୧୨ ହଜାର କୋଟିର ଦାବିଦାର ନାହାଁନ୍ତି**

**ଯୋଜନାରେ ଖୋଲିଥିଲା ୫୧ ହଜାର ଆକାଉଣ୍ଟ**

**୪.୯୩ କୋଟି ଆକାଉଣ୍ଟ ମହିଳାଙ୍କ ନାମରେ**

ନୂଆଦିଲ୍ଲୀ,୨୭।୧୨(ଏଜେନ୍ସି):

ସାଧାରଣ ଲୋକଙ୍କୁ ବ୍ୟାଙ୍କ ସେବା ସହ ଯୋଡିବା ଏବଂ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ବଢ଼ାଇବା ପାଇଁ କେନ୍ଦ୍ର ସରକାର ୨୦୧୪ରେ ଆରମ୍ଭ କରିଥିଲେ ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନା(ପିଏମ୍‌ଜେଡିୱାଇ)। ଏହି ଯୋଜନା ଅଧୀନରେ ଏ ପର୍ଯ୍ୟନ୍ତ ୫୧ କୋଟିରୁ ଅଧିକ ଆକାଉଣ୍ଟ ଖୋଲାଯାଇଛି। ତେବେ ପରିତାପର ବିଷୟ ହେଉଛି, ଯେଉଁ ଉଦ୍ଦେଶ୍ୟ ରଖି କେନ୍ଦ୍ର ସରକାର ଜନ ଧନ ଯୋଜନା ଆରମ୍ଭ କରିଥିଲେ ତାହା ବିଫଳ ହୋଇଛି। କାରଣ ବର୍ତ୍ତମାନ ସୁଦ୍ଧା ଏହି ଯୋଜନାରେ ଖୋଲାଯାଇଥିବା ୧୦ କୋଟିରୁ ଅଧିକ ବ୍ୟାଙ୍କ ଆକାଉଣ୍ଟ ବନ୍ଦ ହୋଇଯାଇଛି। ଏହି ବନ୍ଦ ବ୍ୟାଙ୍କ ଆକାଉଣ୍ଟଗୁଡିକରେ ପ୍ରାୟ ୧୨ ହଜାର କୋଟି ଟଙ୍କାର ଅର୍ଥ ଜମା ରହିଛି। ଏହି ଅର୍ଥର କୌଣସି ଦାବିଦାର ନ ଥିବା କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନାରୁ ଜଣାପଡିଛି।

ସରକାରଙ୍କ ଲକ୍ଷ୍ୟ ଥିଲା ଏହି ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳର ଦୁର୍ଗମ ଅଞ୍ଚଳଗୁଡିକରେ ରହୁଥିବା ଲୋକମାନେ ଆର୍ଥିକ ବ୍ୟବସ୍ଥା ସହିତ ସଂଯୁକ୍ତ ହୋଇପାରିବେ। ସରକାରୀ ଯୋଜନାରେ ଗରିବ ଲୋକଙ୍କୁ ସୁବିଧା ଯୋଗାଇବାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ତେବେ ବନ୍ଦ ହୋଇଥିବା ଜନ ଧନ ଆକାଉଣ୍ଟଗୁଡିକୁ ନିଷ୍କ୍ରିୟ କରିଦିଆଯାଇଛି। ଏହି




ଆକାଉଣ୍ଟଗୁଡିକରେ ମୋଟ ୧୨,୭୭୯ କୋଟି ଟଙ୍କାର ଅର୍ଥ ଜମା ହୋଇଛି। ତେବେ ବନ୍ଦ ଆକାଉଣ୍ଟଗୁଡିକ ମଧ୍ୟରୁ ୪.୯୩ କୋଟି ଆକାଉଣ୍ଟ ମହିଳାମାନଙ୍କ ନାମରେ ରହିଛି। ଜନ ଧନ ଆକାଉଣ୍ଟଗୁଡିକ ବନ୍ଦ ହେବାର ଅନେକ କାରଣ ରହିଛି। ଦୀର୍ଘ ଦିନ ଧରି ଖାତାଧାରୀଙ୍କର ଆକାଉଣ୍ଟ ସହ କୌଣସି ପ୍ରତ୍ୟକ୍ଷ ସମ୍ପର୍କ ନ ଥିଲା। ଏହାର ଅର୍ଥ ହେଉଛି ସେମାନେ ଅନେକ ମାସ ଧରି ଆକାଉଣ୍ଟରେ କାରବାର କରି ନ ଥିଲେ। ଯାହାର ଫଳସ୍ୱରୂପ ବ୍ୟାଙ୍କ ସେସବୁ ଆକାଉଣ୍ଟଗୁଡିକୁ ବନ୍ଦ କରିଦେଇଛି।

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ମାର୍ଗଦର୍ଶିକା ଅନୁଯାୟୀ, ଯଦି ଜଣେ ଗ୍ରାହକ ଦୁଇ ବର୍ଷରୁ ଅଧିକ ସମୟ ଧରି ବ୍ୟାଙ୍କ ଆକାଉଣ୍ଟରେ କୌଣସି କାରବାର ନ କରନ୍ତି, ତେବେ ସେହି ଆକାଉଣ୍ଟଗୁଡିକୁ ନିଷ୍କ୍ରିୟ ବୋଲି ଧରାଯାଇଥାଏ। ଅପରପକ୍ଷେ ବ୍ୟାଙ୍କଗୁଡିକ ଏହି ନିଷ୍କ୍ରିୟ ଆକାଉଣ୍ଟଗୁଡିକ ସଂଖ୍ୟା ହ୍ରାସ କରିବାକୁ ଚେଷ୍ଟା କରୁଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ଜନ ଧନ ଆକାଉଣ୍ଟରେ ସର୍ବନିମ୍ନ ଅର୍ଥ ବାଲାନ୍ସ ରଖିବାର କୌଣସି ଆବଶ୍ୟକତା ନ ଥାଏ।

**● ମହାଦେବ ବେଟିଂ ଆପ୍ ମାମଲା**

## ପ୍ରମୋଟର ସୌରଭ ଚନ୍ଦ୍ରାକର ଦୁବାଇରେ ଗିରଫ

ମୁମ୍ବଇ, ୨୭।୧୨ (ଏଜେନ୍ସି): ମହାଦେବ ବେଟିଂ ଆପ୍‌ର ପ୍ରମୋଟର ସୌରଭ ଚନ୍ଦ୍ରାକରଙ୍କୁ ଦୁବାଇରେ ଗିରଫ କରାଯାଇଛି। ଏବେ ତାକୁ ଗୃହବନ୍ଦୀ କରି ରଖାଯାଇଛି। ସଂଘୀୟ ଏଜେନ୍ସି ତାକୁ ଜେରା କରୁଛି। ଏହାକୁ ନେଇ ଭାରତୀୟ ତଦନ୍ତକାରୀ ଏଜେନ୍ସିଗୁଡିକ ସତର୍କ ହୋଇଯାଇଛନ୍ତି। କୂଟନୈତିକ ଚ୍ୟାନେଲ ମାଧ୍ୟମରେ ସୌରଭଙ୍କୁ ଭାରତ ଆଣିବା ପାଇଁ ଆଲୋଚନା ଜାରି ରହିଛି। ଅଧିକାରୀଙ୍କ ସୂତ୍ରରୁ ଏହି ସୂଚନା ମିଳିଛି। ଅନ୍ୟପଟେ ବେଟିଂ ଆପ୍ ସମ୍ବନ୍ଧିତ ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ନୂଆ ଆରୋପପତ୍ର ଦାଖଲ କରିବ ବୋଲି ସୂଚନା ମିଳିଛି। ଏହା ପୂର୍ବରୁ କିଛି ସପ୍ତାହ ତଳେ ଏହି ବେଟିଂ ଆପ୍‌ର ଅନ୍ୟତମ ପ୍ରମୋଟର ରବି ଉପ୍ପଲଙ୍କୁ ଦୁବାଇରେ ଗିରଫ କରାଯାଇଥିଲା। ଇଡିର ସୂଚନା ପରେ ଇଣ୍ଟରପୋଲ ରେଡ୍ କର୍ଣ୍ଣର ନୋଟିସ ଜାରି କରିଥିଲା। ଏହା ପରେ ସ୍ଥାନୀୟ କର୍ତ୍ତୃପକ୍ଷ ଉପ୍ପଲଙ୍କୁ ଗିରଫ କରିଥିଲେ।

ମହାଦେବ ଆପ୍ ମନି ଲଣ୍ଡରିଂ ମାମଲାର ଏହି ଦୁଇ ମୁଖ୍ୟ କାର୍ଯ୍ୟେଟଦାରଙ୍କୁ ଭାରତ ଆଣିବା ଆଇନଗତ ପଦକ୍ଷେପ ନିଆଯାଉଛି। ଛତିଶଗଡ଼ ସମେତ ଅନ୍ୟ






ରାଜ୍ୟରେ ଉଭୟଙ୍କର ରାଜନୈତିକ ଲିଙ୍କ୍ ମଧ୍ୟ ସାମ୍ନାକୁ ଆସିଛି। ଏହା ପୂର୍ବରୁ ଏହି ମାମଲାରେ କ୍ୟାସ କୁରିୟର ଅସୀମ ଦାସ ଏବଂ କନଷ୍ଟେବଲ ଭୀମ ଯାଦବଙ୍କୁ ଗିରଫ କରାଯାଇଥିଲା। ଇଡି ଏହି ମାମଲାରେ ରାୟପୁରର ପିଏମଏଲଏ କୋର୍ଟରେ ଦାଏର କରିଥିବା ପ୍ରଥମ ଆରୋପ ପତ୍ରରେ ଚନ୍ଦ୍ରାକର ଏବଂ ଉପ୍ପଲର ନାମ ରହିଛି।

## ଭିୱଣ୍ଡିରେ ଡେଲିଭରିର ମେଗା ଗେଟ୍ ୱେ

ଗୁରୁଗ୍ରାମ,୨୭।୧୨(ଏଜେନ୍ସି): ଭାରତର ସର୍ବବୃହତ ସମ୍ପୂର୍ଣ୍ଣ ସମନ୍ୱିତ ଲଜିଷ୍ଟିକ୍ ପ୍ରଦାନକାରୀ ଡେଲିଭରି ଲିମିଟେଡ୍ ଭିୱଣ୍ଡିରେ ଏହାର ସର୍ବବୃହତ ମେଗା ଗେଟୱେକୁ ସଫଳତାର ସହିତ କାର୍ଯ୍ୟକ୍ଷମ କରାଇଛି। ୧,୨୦୦,୦୦୦ ବର୍ଗଫୁଟ୍ ଜମିରେ ନିର୍ମିତ ଭିୱଣ୍ଡି ଟ୍ରକିଂ ଟର୍ମିନାଲ ହେଉଛି ଭାରତର ଅନ୍ୟତମ ବୃହତମ ଲଜିଷ୍ଟିକ୍ ସୁବିଧା ଏବଂ ସ୍ୱୟଂଚାଳିତ ହବ୍, ସର୍ଟେସନ୍, ରିଟର୍ଣ୍ଣ ଏବଂ ମାଲ ପରିବହନ କାର୍ଯ୍ୟକୁ ଏକାଠି କରି ଡେଲିଭରିର ପାର୍ସଲ ଏବଂ ପାର୍ଟ ଟ୍ରକଲୋଡ୍ ମାଲ୍ ପରିବହନ ପରିମାଣକୁ ଏକ ସଙ୍ଗରେ ପରିଚାଳନା କରିବାର କ୍ଷମତା ରଖିଛି। ସ୍ୱୟଂଚାଳିତ ଗେଟ୍ ୱେରେ ୧୯୬ ଟି ଡକିଂ ଷ୍ଟେସନ୍ ରହିଛି ଏବଂ ଏହା ୮୦୦୦ ଟନ୍ ରୁ ଅଧିକ ମାଲ ପରିବହନ କରିବା ପାଇଁ ଡିଜାଇନ୍ କରାଯାଇଛି। ଡେଲିଭରିର ଏମ୍‌ଡି ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସାହିଲ ବରୁଆ କହିଛନ୍ତି ଯେ ଆମର ସମ୍ପ୍ରସାରିତ ଭିୱଣ୍ଡି ଗେଟ୍ ୱେ ଆମକୁ ବିଶ୍ୱସ୍ତରୀୟ ସେବା ବିଶ୍ୱସନୀୟତା ଏବଂ ଦକ୍ଷତା ବଜାୟ ରଖିବା ସହିତ ମୁମ୍ବାଇ ଏବଂ ପଶ୍ଚିମ ଜୋନର ବୃହତ ଏବଂ ଏସଏମଇ ମାଲବାହୀ ଜାହାଜପାଇଁ କ୍ଷମତା ବୃଦ୍ଧି କରିବାରେ ସକ୍ଷମ ହେବ।

**ଭାରତୀୟ ଅର୍ଥନୀତି ସଂଘର ୧୦୬ତମ ସମ୍ମିଳନୀ**

## ଗରିବଙ୍କ ପାଇଁ ରୋଜଗାର ସୁନିଶ୍ଚିତ ହେଉ: ମଣ୍ଟେକ୍

ଭୁବନେଶ୍ୱର,୨୭।୧୨(ସମିସ): ବର୍ତ୍ତମାନ ସୂଚନା ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଦ୍ରୁତ ଅଗ୍ରଗତି ଘଟୁଥିବା ବେଳେ ନୀତି ନିର୍ଦ୍ଧାରଣରେ ବୈଷୟିକ ବିଶାରଦଙ୍କ ଭୂମିକା ରହିବା ଜରୁରୀ। ନବସର୍ଜନା ଉପରେ ବାଧା ନ ପହଞ୍ଚାଇ ନୂତନ ବୈଷୟିକ ଜ୍ଞାନସବୁକୁ ଏକୀକୃତ କରିବା ନିମନ୍ତେ ଏକ ସନ୍ତୁଳିତ ନୀତିର ଆବଶ୍ୟକତା ରହିଛି। ବର୍ତ୍ତମାନ ସମୟରେ ଗରିବ ଲୋକଙ୍କ ପାଇଁ ରୋଜଗାର ସୁନିଶ୍ଚିତ କରାଯିବା ଉଚିତ୍। ଏହା ଉପରେ ଭାରତୀୟ ଅର୍ଥନୀତି ସଂଘର ଅର୍ଥନୀତି ବିଶାରଦମାନେ ବ୍ୟାପକ ତର୍ଜମା କରିବାକୁ କିଟ୍‌ଠାରେ ଭାରତୀୟ ଅର୍ଥନୀତି ସଂଘର ୧୦୬ତମ ସମ୍ମିଳନୀକୁ ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ କରି ବିଶିଷ୍ଟ ଅର୍ଥନୀତିଜ୍ଞ ତଥା ଯୋଜନା ଆୟୋଗର ପ୍ରାକ୍ତନ ଉପାଧ୍ୟକ୍ଷ ଡ. ମଣ୍ଟେକ ସିଂହ ଆଲୁୱାଲିଆ ଏହା କହିଛନ୍ତି।




କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ଓ କିସ୍ ପ୍ରତିଷ୍ଠାତା ତଥା ଭାରତୀୟ ଅର୍ଥନୀତି ସଂଘର ୧୦୬ତମ ସମ୍ମିଳନୀର ମୁଖ୍ୟ ପୃଷ୍ଠପୋଷକ ଅଚ୍ୟୁତ ସାମନ୍ତ, ଭାରତୀୟ ଅର୍ଥନୀତି ସଂଘର ୧୦୬ତମ ସମ୍ମିଳନୀର ଅଧ୍ୟକ୍ଷ ପ୍ରଫେସର ବିଶ୍ୱଜିତ ଚାଟାର୍ଜୀ, ଡ. ଶ୍ୟାମାପ୍ରସାଦ ମୁଖାର୍ଜୀ ବିଶ୍ୱବିଦ୍ୟାଳୟର କୁଳପତି ତଥା ଭାରତୀୟ ଅର୍ଥନୀତି ସଂଘର ସହଯୋଗୀ ସଭାପତି ତପନ କୁମାର ସାଣ୍ଡିଲ୍ୟ ପ୍ରମୁଖ ଉପସ୍ଥିତ ରହି ସଂଘର କାର୍ଯ୍ୟଧାରା ଉପରେ ବକ୍ତବ୍ୟ ରଖିଥିଲେ। ଶେଷରେ ଡ. ରବୀନ୍ଦ୍ର ବ୍ରାହ୍ମେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଶିଷ୍ଟ ଅର୍ଥନୀତିଜ୍ଞ ପ୍ରଫେସର ବେଦଗିରି ଶନ୍‌ମୁଗାସୁନ୍ଦରମ୍‌ଙ୍କୁ 'ଆର୍କିଟେକ୍ଟ ଅଫ୍ ଆଇଇଏ' ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଏହାସହ ବିଆରଏ ବିହାର ବିଶ୍ୱବିଦ୍ୟାଳୟର କୁଳସଚିବ ଡ. ସଞ୍ଜୟ କୁମାରଙ୍କୁ 'ଆଇଇଏ ବେଷ୍ଟ କଣ୍ଟ୍ରୋଲର ସମ୍ମାନ', ଟିଏମ୍ ଭାଗଲପୁର ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗର ପୋଷ୍ଟ ଡକ୍ଟୋରାଲ ରିସର୍ଚ୍ଚର ପଙ୍କଜ କୁମାରଙ୍କୁ 'ଜ୍ଞାନଚାନ୍ଦ ଏକାଡେମିକ ଏକ୍‌ସେଲେନ୍‌ସି ପୁରସ୍କାର' ପ୍ରଦାନ କରାଯାଇଥିଲା। ୩ ଦିନ ଧରି ଚାଲିବାକୁ ଏହି ସମ୍ମିଳନୀରେ ଦେଢ଼ ହଜାରରୁ ଊର୍ଦ୍ଧ୍ୱ ଅର୍ଥନୀତିଜ୍ଞ, ନୀତି ନିର୍ଦ୍ଧାରକ, ଗବେଷକ, ଅଧ୍ୟାପକ, ଅଧ୍ୟାପକ ଓ ଛାତ୍ରଛାତ୍ରୀ ଯୋଗ ଦେଇଛନ୍ତି।

## ଆଇଆଇଟି ବମ୍ବେ ସହଯୋଗରେ 'ଭାରତ ଜିପିଟି' ନିର୍ମାଣ କରିବ ଜିଓ

ମୁମ୍ବାଇ, ୨୭।୧୨(ଏଜେନ୍ସି): ରିଲାଏନ୍ସ ଜିଓ ଇନ୍‌ଫୋକମ୍‌ର ଅଧ୍ୟକ୍ଷ ଆକାଶ ଅମ୍ବାନୀ କହିଛନ୍ତି ଯେ ଆଇଆଇଟି ବମ୍ବେ ସହ ମିଶି ଦେଶର ସର୍ବବୃହତ ଟେଲିକମ୍ କମ୍ପାନୀ ରିଲାଏନ୍ସ ଜିଓ 'ଭାରତ ଜିପିଟି' ନିର୍ମାଣ କରିବା ଉପରେ କାର୍ଯ୍ୟ କରୁଛି। ଏଥିସହିତ କମ୍ପାନୀ ମଧ୍ୟ ଟେଲିଭିଜନ ପାଇଁ ଏକ ନୂଆ ଅପରେଟିଂ ସିଷ୍ଟମ୍ ଆରମ୍ଭ କରିବା ନେଇ ପ୍ରଚେଷ୍ଟା ଜାରି ରଖିଥିବା ସେ କହିଛନ୍ତି। ଆଇଆଇଟି-ବମ୍ବେର ବାର୍ଷିକ ଟେକ୍‌ଫେଷ୍ଟରେ ଯୋଗଦେଇ ଆକାଶ ଏହା କହିଛନ୍ତି। କମ୍ପାନୀ ପାଇଁ ବିକାଶର ପରିବ୍ୟବସ୍ଥା ନିର୍ମାଣ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଜିଓ ୨.୦'ର ଭିଜନ୍ ଉପରେ କାମ ଚଳାଇଛି। ଜିଓ ପକ୍ଷରୁ ଆଇଆଇଟି ବମ୍ବେ ସହଯୋଗରେ ଏକ ଭାରତ ଜିପିଟି ପ୍ରକଳ୍ପ ଉପରେ କାମ କରାଯାଉଥିବା ସେ ସୂଚନା ଦେଇଛନ୍ତି। ବର୍ତ୍ତମାନ ଲାର୍ଜ ଲାଙ୍ଗୁଏଜ୍ ମଡେଲ ଏବଂ ଜେନେରେଟିଭ୍ ଏଆଇ ଉପରେ କାମ ଚାଲିଥିବା ସେ କହିଛନ୍ତି।



ଅମ୍ବାନୀ ଭାରତକୁ ଆଗାମୀ ଦଶନ୍ଧି ପାଇଁ ସବୁଠାରୁ ବଡ଼ ନବନ୍ୱେଷ କେନ୍ଦ୍ର ବୋଲି ଅଭିହିତ କରିବା ସହ ଦଶନ୍ଧୀ ଶେଷ ସୁଦ୍ଧା ଦେଶ ୫ ରୁ ୬ ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ ହେବ ବୋଲି ବିଶ୍ୱାସ ପ୍ରକଟ କରିଛନ୍ତି। ଆସନ୍ତା କିଛି ବର୍ଷରେ ଭାରତ ବିଶ୍ୱକୁ ସବୁଠାରୁ ଶ୍ରେଷ୍ଠ ସେବା ଓ ସବୁଠାରୁ ଶ୍ରେଷ୍ଠ ଉତ୍ପାଦ ପ୍ରଦାନ କରିବାର କେନ୍ଦ୍ର ଭାବରେ ଉଭା ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

## ମିତ୍‌ସୁଇ ଓ ଭିଡିଏଲ୍ ସହ ଇକା ମୋବିଲିଟିର ସହଯୋଗିତା

**ଭୁବନେଶ୍ୱର,୨୭।୧୨(ସମିସ):** ଅଗ୍ରଣୀ ଇଲେକ୍ଟିକ୍ ଯାନ ଏବଂ ଟେକ୍ନୋଲୋଜି କମ୍ପାନୀ ଇକା ମୋବିଲିଟି ପକ୍ଷରୁ ମିତ୍‌ସୁଇ(ଜାପାନ) ଓ ଭିଡିଏଲ୍ ଗ୍ରୋଏପ୍ (ନେଦରଲ୍ୟାଣ୍ଡ) ସହ ସହଯୋଗିତା କରାଯାଇଛି। ଭାରତୀୟ ଅଟୋ ଶିଳ୍ପରେ ଏହି ରଣନୈତିକ ସହଯୋଗିତା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲ୍‌ଖୁଣ୍ଟ। ଏହି ସହଯୋଗିତା କ୍ଷେତ୍ରରେ ଅଧିକ ସଂଖ୍ୟାରେ ଅରଜିନାଲ ଉତ୍ପାଦନକାରୀ (ଓଇଏମ୍) ପ୍ରତିଷ୍ଠା କରାଇବ। ଭାରତର ନିୟୁ ମୋବିଲିଟି ସେଗମେଣ୍ଟରେ ତିନି ଅଗ୍ରଣୀ ଅଟୋମୋଟିଭ୍ କମ୍ପାନୀର ଅଭିଜ୍ଞତାକୁ ଏକତ୍ର କରାଇବାରେ ଏହା ଏକ ବୃହତ୍ ଏବଂ ଗୁରୁତ୍ୱପୂର୍ଣ୍ଣ ସହଯୋଗିତା। ଏ ସମ୍ପର୍କରେ ଇକା ମୋବିଲିଟିର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡ. ସୁଧୀର ମେହେଟ୍ଟା କହିଛନ୍ତି ଯେ, ଏହି




ସହଯୋଗିତା ଭାରତକୁ ବୈଦ୍ୟୁତିକ ଯାନ ନିର୍ମାଣ କ୍ଷେତ୍ରରେ ଏକ ହବ୍‌ରେ ପରିଣତ କରିବ।

## ଅଡିଜୋନ୍‌ରେ ଇୟର ଏଣ୍ଡ ଅଫର

ଭୁବନେଶ୍ୱର,୨୭।୧୨(ସମିସ): ଅଡିଜୋନ୍ ବାକ୍ ଶ୍ରବଣ ଚିକିତ୍ସା କେନ୍ଦ୍ର ପକ୍ଷରୁ ଏକ ମେଗା ଇୟର ଏଣ୍ଡ ଅଫର ଘୋଷଣା କରାଯାଇଛି। ଏହି ଅଫର ଅଡିଜୋନ୍‌ର ଭୁବନେଶ୍ୱର, କଟକ, ବ୍ରହ୍ମପୁର, କୋରାପୁଟ, ସମ୍ବଲପୁର, ରାଉରକେଲା, କେନ୍ଦୁଝର, ବାଲେଶ୍ୱର ଏବଂ ଜାମ୍‌ସେଦ୍‌ପୁର ଶାଖାରେ ଉପଲବ୍ଧ ହେବ। ନୂତନ ବର୍ଷରେ ଶ୍ରବଣ ଯନ୍ତ୍ର ବ୍ୟବହାରକାରୀଙ୍କ ଉତ୍ସାହ ବଢ଼ାଇବା ଲାଗି କମ୍ପାନୀ ଏହାର ସମସ୍ତ ଶ୍ରବଣ ଯନ୍ତ୍ର ଉପରେ ଅତିରିକ୍ତ ୫% ରିଆତି ଦେଉଛି। ରିଚାର୍ଜେବଲ ଶ୍ରବଣ ଯନ୍ତ୍ର ଉପରେ ଅତିରିକ୍ତ ୧୦% ରିଆତି ରହିଛି। ସବୁ ଶ୍ରବଣ ଯନ୍ତ୍ର ଉପରେ ୨ରୁ ୪ ବର୍ଷ ଯାଏ ଗ୍ୟାରେଣ୍ଟି ରହିଛି। ଯେକୌଣସି ଶ୍ରବଣ ଯନ୍ତ୍ର କ୍ରୟରେ ୧ ବର୍ଷ ଯାଏ ବ୍ୟାଟେରି ମାଗଣା ରହିଛି। ସଂସ୍ଥାର ସମସ୍ତ ଶାଖାରେ ଚଳିତମାସ ୨୫ରୁ ଜାନୁଆରୀ ୭ ପର୍ଯ୍ୟନ୍ତ ପ୍ରସିଦ୍ଧ ଶ୍ରବଣ ବିଶେଷଜ୍ଞଙ୍କ ଦ୍ୱାରା ମାଗଣା ପରାମର୍ଶ ଅଡିଓ ମେଟ୍ରି ଟେଷ୍ଟ ଏବଂ ଜର୍ମାନୀ, ସ୍ୱିଜରଲ୍ୟାଣ୍ଡ ଓ ଡେନ୍‌ମାର୍କର ଶ୍ରବଣ ଯନ୍ତ୍ର ମାଗଣାରେ ଟ୍ରାଏଲ ଦିଆଯିବ ବୋଲି କମ୍ପାନୀର ନିର୍ଦ୍ଦେଶକ ତ୍ରିଲୋଚନ ପ୍ରଧାନ, ଉତ୍ପଳ ଚନ୍ଦ୍ର ପ୍ରଧାନ ଏବଂ ଦୀପକ୍ କୁମାର ମିଶ୍ର ଏକ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି।

AudiZone
Experience the sound

## ଟାଟା ଷ୍ଟିଲ୍ ଫାଉଣ୍ଡେସନ ପକ୍ଷରୁ ବ୍ରାହ୍ମଣୀପାଳରେ ବେସିକ୍ ଲାଇଫ୍ ସପୋର୍ଟ ପ୍ରଶିକ୍ଷଣ

**ଭୁବନେଶ୍ୱର, ୨୭।୧୨(ସମିସ):** ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ (ଟିଏସ୍‌ଏଫ) ସ୍ଥାନୀୟ ବିକାଶ ଏବଂ ନିରାପତ୍ତା ପ୍ରତି ପ୍ରତିବଦ୍ଧତାକୁ ସମର୍ଥନ କରି ବ୍ରାହ୍ମଣୀପାଳଠାରେ ଏକ ବେସିକ୍ ଲାଇଫ୍ ସପୋର୍ଟ (ବିଏଲଏସ) ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରିଛି। ଏହି ପ୍ରଶିକ୍ଷଣର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ସ୍ଥାନୀୟ ଅଂଚଳରେ ପ୍ରଶିକ୍ଷିତ, ଇଚ୍ଛୁକ ଏବଂ ଦକ୍ଷ ପ୍ରାଥମିକ ପ୍ରତିକ୍ରିୟା ପ୍ରଦାନକାରୀଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ସମୂହ ସୃଷ୍ଟି କରିବା, ଯାହା ଜୀବନ ପ୍ରତି ବିପଦଜନକ ପ୍ରାକ୍-ଡାକ୍ତରଖାନା ପରିସ୍ଥିତିରେ ପ୍ରଭାବଶାଳୀ ବିଏଲ୍‌ଏସ୍ ପ୍ରଦାନ କରିବାରେ ସକ୍ଷମ ହେବେ। ଏହାବ୍ୟତୀତ ଯେକୌଣସି ବିପର୍ଯ୍ୟୟ ପରିସ୍ଥିତିରେ ତୁରନ୍ତ ମୁକାବିଲା ପାଇଁ ପ୍ରସ୍ତୁତ ଗୋଷ୍ଠୀ ଗଠନ କରି ବିପର୍ଯ୍ୟୟ ବିପଦ ହ୍ରାସ ପାଇଁ ଗୋଷ୍ଠୀ ମୁକାବିଲା କ୍ଷମତା ବୃଦ୍ଧି କରିବା ଏହି ପଦକ୍ଷେପର ଲକ୍ଷ୍ୟ। ଷ୍ଟିଲ୍ ଫାଉଣ୍ଡେସନ୍ ବ୍ରାହ୍ମଣୀପାଳ



ୟୁନିଟ୍‌ର ସୌଭାଗ୍ୟ କୁମାର ଦାସ ଏହି ଅଧିବେଶନରେ ମାଷ୍ଟର ଟ୍ରେନର ଭାବେ କାର୍ଯ୍ୟ କରିଥିଲେ। ବିଶେଷଜ୍ଞ ଚିକିତ୍ସା ସହାୟତା ଆସିବା ପୂର୍ବରୁ ଜୀବନ ପ୍ରତି ବିପଦ ଥିବା ପରିସ୍ଥିତିରେ ପୀଡ଼ିତଙ୍କୁ ଉଦ୍ଧାର କରିବା ପାଇଁ ବେସିକ୍ ଲାଇଫ୍ ସପୋର୍ଟ (ବିଏଲ୍‌ଏସ) ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଥାଏ।

## ସୋଚ୍ ରେଡ୍ ଡଟ୍ ସେଲ୍ ଆରମ୍ଭ

ଭୁବନେଶ୍ୱର,୨୭।୧୨(ଏଜେନ୍ସି) : ସୋଚ୍‌ର ରେଡ୍ ଡଟ୍ ସେଲ୍ ପୁଣିଥରେ ଫେରିଛି ଯାହା ଏକ ବିସ୍ତୃତ ଶୃଙ୍ଖଳାର ଏଥ୍‌ନିକ୍‌ୱେର ଉପରେ ୫୦% ପର୍ଯ୍ୟନ୍ତ ରିଆତି ପ୍ରଦାନ କରୁଛି। ଡିସେମ୍ବର ୭ରୁ ଆରମ୍ଭ ହୋଇଥିବା ଏହି ବହୁପ୍ରତିକ୍ଷୀତ ସେଲ୍‌ରୁ ଶାଢୀ, ସାଲୱାର ସୁଟ୍, କୂର୍ତ୍ତା, କୂର୍ତ୍ତା ସେଟ୍, ଡ୍ରେସ୍ ମ୍ୟାଟେରିଆଲ, ଟ୍ୟୁନିକ୍ ସମେତ ପସନ୍ଦର ସମସ୍ତ ସୋଚ୍ ଲୁକ୍‌ଗୁଡିକୁ ଷ୍ଟକ୍ ଅପ୍ କରିବାକୁ ଗ୍ରାହକ ପ୍ରସ୍ତୁତ ରହିବେ। ସୋଚ୍‌ର ରେଡ୍ ଡଟ୍ ସେଲ୍‌ର ବ୍ରାଣ୍ଡର ନୂତନ କ୍ୟାପ୍‌ସୁଲ୍ ୱେଡିଂ କଲେକ୍ସନରୁ ଅତୁଳନୀୟ ଅଫର୍ ସାମିଲ ରହିଛି। ସୂକ୍ଷ୍ମ ଡିଜାଇନ୍, ହାଲୁକା ଓ ବ୍ରିଦେବୁଲ ଫ୍ୟାବ୍ରିକ୍ ସହିତ ସୋଚ୍ ପାର୍ବଣ-ଅନୁପ୍ରାଣିତ ରଙ୍ଗଗୁଡିକର ଏକ ପ୍ୟାଲେଟ୍ ସହ ପାରମ୍ପରିକ ଷ୍ଟାଇଲ୍‌ଗୁଡିକର ଏକ ଉପଯୁକ୍ତ ମିଶ୍ରଣ ଉପସ୍ଥାପନ କରୁଛି,ଯାହା ଚଳିତ ଋତୁର ମହତ୍ୱକୁ ଉପଯୁକ୍ତ ଭାବେ କ୍ୟାପ୍ଚର କରୁଛି। ରେଡ୍ ଡଟ୍ ସେଲ୍ ୭୪୯ ଟଙ୍କାରୁ ଆରମ୍ଭ ହେଉଥିବା ବିକଳ୍ପଗୁଡିକର ଏକ ଶୃଙ୍ଖଳା ପ୍ରଦାନ କରୁଛି।

**୧୫.୪୦ କୋଟି ନିବେଶକଙ୍କୁ ଖ୍ରୀଷ୍ଟମାସ ଉପହାର**

## ସେନ୍‌ସେକ୍ସ ୭୨ ହଜାର ପଏଣ୍ଟ ଟପିଲା



ମୁମ୍ବଇ,୨୭।୧୨(ଏଜେନ୍ସି):

ଫେଲ୍‌ମାରିଛି ବଜାର ବିଶେଷଜ୍ଞମାନଙ୍କର ସବୁ ଆକଳନ। ବର୍ଷ ଶେଷରେ ଉଠିବାରେ ଲାଗିଛି ଷ୍ଟକ୍ ବଜାର। ବଜାର କାରବାରରେ ଦୈନିକ ପ୍ରତିଷ୍ଠା ହେଉଛି ନୂଆ ନୂଆ ରେକର୍ଡ। ଏଥିଯୋଗୁ ସର୍ବକାଳୀନ ରେକର୍ଡ ୭୨ ହଜାର ପଏଣ୍ଟ ସ୍ତର ଅତିକ୍ରମ କରିଛି ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ) ସେନ୍‌ସେକ୍ସ। ବିଶ୍ୱ ବଜାରରେ କାରବାର ଭଲ ରହିବା ଏବଂ ୨୦୨୪ରେ ସ୍ଥିର ସରକାର ଆସିବା ନେଇ ସକାରାତ୍ମକ ରିପୋର୍ଟ ବଜାର କାରବାରକୁ ଉପରମୁହାଁ କରାଇଛି। ବୁଧବାର କାରବାର ଶେଷ ବେଳକୁ ସେନ୍‌ସେକ୍ସରେ ୭୦୧(୭୦୧.୬୩) ପଏଣ୍ଟ ବା ୦.୯୮ ପ୍ରତିଶତ ବୃଦ୍ଧି ଘଟି ୭୨,୧୧୯.୮୫ ପଏଣ୍ଟରେ କାରବାର ଶେଷ ହୋଇଛି। ସେହିପରି ଆଜି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ ନିଫ୍ଟିରେ ୨୧୩ ବା ୧ ପ୍ରତିଶତ ବୃଦ୍ଧି ଘଟି ୨୧,୬୫୪.୭୫ ପଏଣ୍ଟରେ କାରବାର ବନ୍ଦ ହୋଇଛି। ଆଜିର କାରବାରରେ ବଜାରରେ ବ୍ୟାଙ୍କ, ଅଟୋ, ଇସ୍ପାତ, ଶକ୍ତି ଏବଂ ଟେକ୍ ଆଦି କ୍ଷେତ୍ରର ଷ୍ଟକ୍‌ଗୁଡିକ ଦମଦାର ପ୍ରଦର୍ଶନ କରିଥିଲା। ପୁଞ୍ଜିବଜାରରେ ଏଭଳି ଉତ୍ସାହ ଯୋଗୁ ନିବେଶକଙ୍କ ସମ୍ପତ୍ତିରେ ମଧ୍ୟ ବୃଦ୍ଧି ଘଟିଛି। କ୍ରମାଗତ ୪ ଦିନର କାରବାରରେ ନିବେଶକମାନେ ୧୧.୧୧ ଲକ୍ଷ କୋଟି ଟଙ୍କା ରୋଜଗାର କରିଛନ୍ତି। ବର୍ଷ ଶେଷ ବେଳକୁ ନିବେଶକଙ୍କୁ ଏହା ଷ୍ଟକ୍ ବଜାରର ଖ୍ରୀଷ୍ଟମାସ ଉପହାର ବୋଲି କୁହାଯାଉଛି। ନିକଟରେ ନିବେଶକମାନେ ଯେଉଁଭଳି ଭାବେ ପ୍ରଫିଟ୍ ବୁକିଂ କରୁଥିଲେ ସେତେବେଳେ ଲାଗୁଥିବା ଯେମିତିକି ଷ୍ଟକ୍ ବଜାର ବର୍ଷ ଶେଷ ପର୍ଯ୍ୟନ୍ତ ହ୍ରାସ ପାଇବ। ନିଫ୍ଟିରେ ଅଲ୍ଟ୍ରା ସିମେଣ୍ଟର ସେୟାରରେ ୪.୫୦ ପ୍ରତିଶତ, ହିଣ୍ଡାଲ୍‌କୋର ୪.୨୫ ପ୍ରତିଶତ ବୃଦ୍ଧି ସହିତ ବଜାଜ ଅଟୋ ସେୟାର ମୂଲ୍ୟରେ ୩.୮୬ ପ୍ରତିଶତ ବୃଦ୍ଧି ହୋଇଛି।

**ଘରୋଇ ପୁଞ୍ଜିବଜାରରେ ସର୍ବକାଳୀନ ରେକର୍ଡ**

**ସୂଚକାଙ୍କ ୭୦୦ ପଏଣ୍ଟ ଉଠିଲା**

**୪ ଦିନରେ ନିବେଶକ କମାଇଲେ ୧୧ ଲକ୍ଷ କୋଟି**

